Odia Daily

www.theutkalsamachar.com



# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:152✦26 September 2026 (Saturday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୫୨✦୨୬ ସେପ୍ଟେମ୍ବର ୨୦୨୬ (ଶନିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

# ତେଲ ସଙ୍କଟ ଭିତରେ ଭାରତ-ଚୀନ୍‌କୁ ଆଶ୍ୱସ୍ତି




## ଏସିଆକୁ ୧୦ କୋଟି ବ୍ୟାରେଲ ତେଲ ବିକ୍ରି କଲା ସାଉଦି

ନୂଆଦିଲ୍ଲୀ,୨୫।୯: ଆମେରିକା-ଇରାନ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ଏବଂ ହୋର୍ମୁଜ ପ୍ରଣାଳୀ ସଙ୍କଟ କାରଣରୁ ବିଶ୍ୱବ୍ୟାପୀ ଅଶୋଧିତ ତେଲ ବଜାରରେ ଅସ୍ଥିରତା ଜାରି ରହିଛି । ଏହି ସମୟରେ ଏସିଆର ଦେଶଗୁଡ଼ିକ ପାଇଁ ଏକ ବଡ଼ ଏବଂ ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି । ସାଉଦି ଆରବ ଭାରତ, ଚୀନ୍, ଜାପାନ ଏବଂ ଦକ୍ଷିଣ କୋରିଆ ପରି ଏସିଆର ପ୍ରମୁଖ ତେଲ କ୍ରେତାମାନଙ୍କୁ ପ୍ରାୟ ୧୦ କୋଟି ବେରଲ କ୍ରୁଡ୍ ଅଏଲ୍ ବିକ୍ରି କରିଛି । ସାଉଦି ଆରବର ଏହି ବଡ଼ ପଦକ୍ଷେପ ପରେ ଏସୀୟ ବଜାରରେ ଗଭୀର ହେଉଥିବା ତେଲ ସଙ୍କଟ ଦୂର ହେବାର ଆଶା ସଚାଂର ହୋଇଛି । ସାଉଦି ଆରବ ଏସୀୟ କ୍ରେତାମାନଙ୍କୁ ପ୍ରାୟ ୧୦୦ ମିଲିୟନ୍ ବ୍ୟାରଲ ଅର୍ଥାତ୍ ୧୦ କୋଟି ବ୍ୟାରେଲ ତେଲ ବିକ୍ରି କରିଛି । ଏହି ଚୁକ୍ତିରେ ଭାରତ, ଚୀନ୍, ଜାପାନ ଏବଂ ଦକ୍ଷିଣ କୋରିଆର ସରକାରୀ ତଥା ବେସରକାରୀ ରିଫାଇନାରୀ ସାମିଲ ଅଛନ୍ତି । ଅକ୍ଟୋବର ଏବଂ ନଭେମ୍ବରରେ ଡେଲିଭରି ହେବାକୁ ଥିବା ଏହି ତେଲ ହୋରମୁଜ୍ ପ୍ରଣାଳୀ ଦେଇ ପଠାଯିବ ଏବଂ ଏହାର ସିପିଂ ଦାୟିତ୍ୱ ସାଉଦି ଅରାମକୋ ନିଜେ ତୁଲାଉଛି । ବ୍ୟବସାୟୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ସପ୍ତାହର ମଧ୍ୟଭାଗରୁ ଏଯାଏଁ ସାଉଦି ଆରବ ଏସୀୟ କ୍ରେତାମାନଙ୍କୁ ଏହି ବିପୁଳ ପରିମାଣର ତେଲ ବିକ୍ରି କରିସାରିଛି । ଅକ୍ଟୋବର ଏବଂ ନଭେମ୍ବର ମାସରେ ଡେଲିଭରି ହେବାକୁ ଥିବା ଏହି କ୍ରୁଡ୍ ଅଏଲ୍ ହୋର୍ମୁଜ ପ୍ରଣାଳୀର ପାରମ୍ପରିକ ଜଳପଥ ଦେଇ ପଠାଯିବ ।ପୂର୍ବରୁ ସାଉଦିର ଇଷ୍ଟ-ୱେଷ୍ଟ ପାଇପଲାଇନରେ ହୋଇଥିବା ଆକ୍ରମଣ କାରଣରୁ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନଥିଲା, ଯାହାଫଳରେ ସାଉଦିକୁ ବାଧ୍ୟ ହୋଇ ହୋର୍ମୁଜ ମାର୍ଗରୁ ଅଧିକ ତେଲ ରପ୍ତାନି କରିବାକୁ ପଡ଼ିଛି । ସାଉଦି ଅରାମକୋ ବର୍ତ୍ତମାନ ଏହି ପାଇପଲାଇନକୁ ମରାମତି କରି ପୁନଃ ଚାଲୁ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛି । ବର୍ତ୍ତମାନର ଭୌଗଳିକ ରାଜନୈତିକ ସ୍ଥିତି ଏବଂ ସାମୁଦ୍ରିକ ଆକ୍ରମଣ ଭୟ କାରଣରୁ କ୍ରେତା ଦେଶଗୁଡ଼ିକ ନିଜସ୍ୱ ଜାହାଜ ପଠାଇବାକୁ ପଛାଉଥିଲେ । ପୂର୍ବରୁ ଉତ୍ପାଦକ ଦେଶଗୁଡ଼ିକ 'ଫ୍ରି-ଓନ୍-ବୋର୍ଡ' ଭିତିରେ ତେଲ ବିକ୍ରି କରୁଥିଲେ, ଯେଉଁଥିରେ ଗ୍ରାହକଙ୍କୁ ନିଜସ୍ୱ ଜାହାଜ ବ୍ୟବହାର କରିବାକୁ ପଡୁଥିଲା । କିନ୍ତୁ ବର୍ତମାନ ସାଉଦିର ତେଲ କମ୍ପାନୀ 'ଅରାମକୋ' ନିଜେ ଲଜିଷ୍ଟିକ୍ସ ପରିଚାଳନା କରୁଛି ଏବଂ ଏସୀୟ ଗ୍ରାହକଙ୍କ ନିକଟରେ ତେଲ ପହଚାଂଇବାର ସମସ୍ତ ଦାୟିତ୍ୱ ନିଜ ହାତକୁ ନେଇଛି । ଏହାଛଡ଼ା ଇରାକର ଝଙ୍ଗଗଙ୍ଗ, ଭିଟୋଲ୍ ଗ୍ରୁପ୍, ଟୋଟାଲ ଏନର୍ଜିଜ୍ ଏବଂ ଟ୍ରାଫିଗୁରା ଭଳି ବଡ଼ ବଡ଼ କମ୍ପାନୀଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାରେ ସହଯୋଗ କରୁଛନ୍ତି ।

## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com

## ଆଦର୍ଶ କାରାଗାରରେ ଆଜୀବନ ସଜ୍ଜା କାଟୁଥିବା କଏଦୀ ଫେରାର

ଗୁରୁଡ଼ିଝାଟିଆ,୨୫/୯(ନି/ପ୍ର): ଆଠଗଡ ବ୍ଲକର ଖୁଟୁଂଣୀ ଥାନା ଅନ୍ତର୍ଗତ ରାଣୀବଣିଆ ଆଦର୍ଶ କାରାଗାରରେ ଆଜୀବନ ସଜ୍ଜା କାଟୁଥିବା କାଏଦୀ ସୁନୀଲ ଜେନା ଫେରାର ହେବା ଘଟଣା ଜେଲ୍ ର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ସୃଷ୍ଟି କରିଛି । କଏଦୀ ଫେରାର ଘଟଣାରେ କାରାଗାର ଅଧିକାରୀ ଓ କର୍ମଚାରୀ ସମ୍ପୃକ୍ତ କି ନୁହେଁ ସେ ନେଇ ତଦନ୍ତ ଦେବାର ଆବଶ୍ୟକତା ରହିଛି । ପ୍ରକାଶ ଯୋଗ୍ୟ ଚୌଦ୍ୱାର ଜେଲ୍ ର ଜେଲରଙ୍କ ଭୂମିକା ସମଗ୍ର ରାଜ୍ୟରେ ବାଡ ଖାଏ କ୍ଷେତ ପରି ଚର୍ଚ୍ଚା ସୃଷ୍ଟି କରିଥିବା ବେଳେ ଆଜି ସଜ୍ଜା କାଟୁଥିବା କଏଦୀ ଫେରାର ହେବା ଘଟଣା ରାଣୀ ବଣିଆ ଆଦର୍ଶ ଜେଲ୍ ର କର୍ତୃପକ୍ଷଙ୍କ ପାରିବା ପଣିଆକୁ ନେଇ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ଫେରାର କଏଦୀ କୁ ଧରିବା ପାଇଁ ପୁଲିସ ବିଭିନ୍ନ ଜିଲ୍ଲା ଓ ରାଜଧାନୀ ଭୁବନେଶ୍ୱର ଆଦି ସ୍ଥାନରେ ଚଢାଉ ଜାରି ରଖିଛି । ପ୍ରକାଶ ଯୋଗ୍ୟ ଆଜି ଅପରାହ୍ଣରେ ଜେଲ୍ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ ସଜ୍ଜା କାଟୁଥିବା କଏଦୀ ସୁନୀଲ ନାହିଁ । ତେଣୁ ସ୍ଥାନୀୟ ଖଟୁଂଣୀ ପୁଲିସ କୁ ରାତ୍ରୀ ରେ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ ପାଇବା ପରେ ଥାନା ଅଧିକାରୀ ଜହାର ଆବେଦନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ କୁ ଅବଗତ କରାଇଥିଲେ । ଏସଡିପିଓ ଉମାକାନ୍ତ ନାୟକ ଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇ ଚାଢ଼ାଉ ଜାରି ରହିଛି ।

## ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ବି ଗୃହ କାର୍ଯ୍ୟ ଅସ୍ୱାଭାବିକ



ଭୁବନେଶ୍ୱର,୨୫/୯(ନି/ପ୍ର): ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ବି ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରିନାହିଁ । ଏମଏମଡ଼ିଆର ଆମାଡ଼ମେଂଟ ଆକ୍ଟକୁ ନେଇ ଗୃହ ଆରମ୍ଭରୁ ବିରୋଧୀ ସଦସ୍ୟଙ୍କ ହଙ୍ଗାମା ଓ ନାରାବାଜି ଯୋଗୁଁ ପ୍ରଶ୍ନକାଳ ପ୍ରଭାବିତ ହୋଇଛି । ହଙ୍ଗାମା ମଧ୍ୟରେ ମାତ୍ର ଚାରି ମିନିଟ୍ ଗୃହ ଚାଲିବା ପରେ ଉପବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ଯାଏ ମୁଲତବୀ କରିଛନ୍ତି ।ଏମଏମଡ଼ିଆର ଆମାଡ଼ମେଂଟ ଆକ୍ଟକୁ ବିରୋଧ କରି ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ନାରାବାଜି କରିଛନ୍ତି । ବିରୋଧୀ ସଦସ୍ୟମାନେ ୱେଲ୍‌କୁ ଆସି ପ୍ରତିବାଦ କରିବା ସହ ଏହି ଆଇନକୁ ନେଇ ସରକାରଙ୍କଠାରୁ ସ୍ପଷ୍ଟ ଜବାବ ଦାବି କରୁଛନ୍ତି । ପୂର୍ବରୁ ମଧ ଲଗାତାର ତିନି ଦିନ ଧରି ଗଗଡଜ ପ୍ରସଙ୍ଗକୁ ନେଇ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ସେପଟ୍ଟେମ୍ବର ୨୨ରୁ ଆରମ୍ଭ ହୋଇଥିବା ଏହି ମୌସୁମୀ ଅଧିବେଶନର ପ୍ରଥମ ଦିନରୁ ହିଁ ଏମଏମଡ଼ିଆର ଆମାଡ଼ମେଂଟ ଆକ୍ଟକୁ ନେଇ ବିରୋଧୀଙ୍କ ପ୍ରତିବାଦ ଦେଖିବାକୁ ମିଳିଛି । ଦ୍ୱିତୀୟ ଦିନରେ ବିଜେଡି ସ୍କୁଲ୍ ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗ ଉଠାଇଥିବା ବେଳେ କଂଗ୍ରେସ ଗଗଡଜ ଆଇନକୁ ବିରୋଧ କରିଥିଲା । ପରବର୍ତ୍ତୀ ଦିନଗୁଡ଼ିକରେ ଉଭୟ ଦଳ ଏହି ପ୍ରସଙ୍ଗକୁ ନେଇ ଗୃହରେ ହଙ୍ଗାମା କରିଛନ୍ତି । ଏପଟେ ଏମଏମଡ଼ିଆର ଆମାଡ଼ମେଂଟ ଆକ୍ଟଯୋଗୁଁ ରାଜ୍ୟର ଖଣିଜ ରାଜସ୍ୱ ଉପରେ କେତେ ପ୍ରଭାବ ପଡ଼ିବ, ସେନେଇ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ଆକଳନ ହୋଇନଥିବା ବିଧାନସଭାରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ବିଶେଷକରି ସଂଶୋଧିତ ଆଇନର ଧାରା ୯ଡି ଅନୁସାରେ ଖଣିଜ ଅଧିକାର ଓ ଖଣିଜ ଥିବା ଜମି ଉପରେ ରାଜ୍ୟର ଟିକସ, ସେସ୍ କିମ୍ବା ଅନ୍ୟାନ୍ୟ ଲେଭି ଲଗାଇବା ନେଇ ଥିବା ପ୍ରଭାବକୁ ଆକଳନ କରାଯାଇନଥିବା ସେ ସ୍ପଷ୍ଟ କରିଛନ୍ତି । ଏହି ପ୍ରସଙ୍ଗକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ବିବାଦ ଜାରି ରହିଥିବାରୁ ଆଗାମୀ ଦିନରେ ମଧ୍ୟ ବିଧାନସଭା କାର୍ଯ୍ୟ ସ୍ୱାଭାବିକ ହେବ କି ନାହିଁ, ତାହା ଉପରେ ନଜର ରହିଛି । ଚଳିତ ଅଧିବେଶନ ସେପଟ୍ଟେମ୍ବର ୨୨ରୁ ଅକ୍ଟୋବର ୩ ଯାଏ ଚାଲିବାକୁ କାର୍ଯ୍ୟସୂଚୀ ରହିଛି ।

## ଭୁବନେଶ୍ୱରର ନୂଆ ଡିସିପି ଭାବେ ଯୋଗ ଦେଲେ ସର୍ବଣା ବିବେକ ଏମ୍

ଭୁବନେଶ୍ୱର,୨୫/୯(ନି.ପ୍ର): ପୁଲିସ ସେବା ଭବନରେ ଭୁବନେଶ୍ୱରର ନୂଆ ଡିସିପି ଭାବେ ଶୁକ୍ରବାର ଯୋଗ ଦେଇଛନ୍ତି ଆଇପିଏସ ସର୍ବଣା ବିବେକ ଏମ୍ । ସେ ବ୍ରହ୍ମପୁରରେ ଦୀର୍ଘ ଦିନ ଧରି ଏସପି ଭାବେ ଦାୟିତ୍ୱ ତୁଲାଇବା ପରେ ଏବେ ଭୁବନେଶ୍ୱରର ଆଇନଶୃଙ୍ଖଳା ଉପରେ କଡା ନଜର ରଖିବେ । ନିଜର କାର୍ଯ୍ୟଦକ୍ଷତା ଓ ସାହାସିକତା ପାଇଁ ସେ ଅନେକ ସମୟରେ ଚର୍ଚ୍ଚାରେ ରହିଛନ୍ତି । ସୂଚନାଯୋଗ୍ୟ, ଆଇପିଏସ୍ ସ୍ତରରେ ମଙ୍ଗଳବାର ଏକ ଛୋଟଧରଣର ଅଦଳ ବଦଳ କରାଯାଇଥିଲା । ବ୍ରହ୍ମପୁର ଏସ୍ ?ପି ଭାବେ କାର୍ଯ୍ୟରତ ଡ.ସର୍ବଣା ବିବେକ ଏମ୍‌ଙ୍କୁ ଭୁବନେଶ୍ୱର ଡିସିପି ଭାବେ ନୂତନ ନିଯୁକ୍ତି ଦିଆଯାଇଥିଲା । ୨୦୧୩ ବ୍ୟାଚ୍‌ର ଆଇପିଏସ ଅଫିସର ଜଗମୋହନ ମୀନା ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ଡ.ସର୍ବଣାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ।



## ସିକିମରେ ପ୍ରବଳ ବର୍ଷା : ରିମ୍ବି ଗାଁରେ ଭୂସ୍ଖଳନ

## ବହୁ ଘର ଭାଙ୍ଗି ଚୂରମାର



ଗ୍ୟାଲସିଂ,୨୫/୯: ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ସିକିମର ଗ୍ୟାଲସିଂ ଜିଲ୍ଲାସ୍ଥିତ ରିମ୍ବି ଗାଁରେ ଗୁରୁବାର ଅଧରାତିରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟିଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ ସରକାରୀ ଆବାସ ସମେତ ବହୁ ସଂଖ୍ୟକ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ଏବଂ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ତେବେ ଏହି ଘଟଣାରେ କୌଣସି ଧନଜୀବନ ହାନି ହୋଇନଥିବା ନେଇ ଶୁକ୍ରବାର ସରକାରୀ ଅଧିକାରୀମାନେ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂହ ତମାଙ୍ଗ୍ ଏହି ବିପର୍ଯ୍ୟୟକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିବା ସହ ପ୍ରଭାବିତ ଅଚଂଳର ଲୋକଙ୍କ ସୁରକ୍ଷାକୁ ସରକାରଙ୍କ ପ୍ରାଥମିକତା ବୋଲି କହିଛନ୍ତି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ଏବଂ ତୁରନ୍ତ ଆବଶ୍ୟକୀୟ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ସ୍ଥାନୀୟ ପ୍ରଶାସନକୁ ହାଇଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ବର୍ଷା ଜାରି ଥିବାରୁ ପ୍ରଶାସନ ପକ୍ଷରୁ ଜାରି ସାବଧାନତା ସୂଚନା ମାନିବାକୁ ଏବଂ ଏକାଠି ହୋଇ ସହାୟତାର ହାତ ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ।

## କଳାହାଣ୍ଡିରେ ତୁହାକୁ ତୁହା ବର୍ଷା : ହାତୀ ନଦୀରେ ବନ୍ୟା ସ୍ଥିତି

ଭବାନୀପାଟଣା,୨୫/୯(ନି/ପ୍ର): କଳାହାଣ୍ଡି ଜିଲ୍ଲାରେ ବୁଧବାର ରୁ ଗୁରୁବାର ସକାଳ ମଧ୍ୟରେ ୨୯୪ ମିମି ବର୍ଷା ରେକର୍ଡ ହୋଇଛି । ଜିଲାର ଥୁଆମୂଳ ରାମପୁର ବ୍ଲକ୍ ରେ ସର୍ବାଧିକ ୭୨ ମିମି ବର୍ଷା ରେକର୍ଡ ହେଇଥିବା ବେଳେ ଜୟପାଟଣା ବ୍ଲକ ଅଚଂଳରେ ୬୧ ମିମି ବର୍ଷା ରେକର୍ଡ ହୋଇଛି । ଜିଲାରେ ଆଜି ସକାଳୁ ତୁହାକୁ ତୁହା ବର୍ଷା ହେଉଛି । ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ଜିଲା ମହକୁମା ମନ୍ଦାରବଗିଚା ପଡ଼ା ଶଙ୍କର ନଗର, ହିଲ ଟାଉନ୍ ଅଚଂଳର କେତେକ ତଳିଆ ଅଚଂଳ ଜଳମଗ୍ନ ହୋଇଛି । ଜୟପାଟଣା ବ୍ଲକ୍ ଧନସୁଲି ରୁ ଚାନ୍ଦପୁର ରାସ୍ତାରେ ପ୍ରାୟ ୫ ଫୁଟ



ପାଣି ଚାଲିଥିବା ସୂଚନା ମିଳିଛି । ଏଥିସହିତ ବ୍ୟାପକ ଅଚଂଳ ଜଳମଗ୍ନ ହୋଇଛି । ଆଜି ସକାଳ ସୁଦ୍ଧା ଇନ୍ଦ୍ରାବତୀ ଜଳଭଣ୍ଡାର ର ଜଳସ୍ତର ୬୪୦.୨୫୦ ମିଟର ରେ ପହଚିଂଥିଲା । ମେନ୍ ଡେମ୍ ରେ ଗୋଟାଏ ଗେଟ୍ ଖୋଲାଯାଇ ଇନ୍ଦ୍ରାବତୀ ନଦୀରେ ଜଳ ନିଷ୍କାସନ କରାଯାଉଛି । ପ୍ରକଳ୍ପ ଦ୍ୱାରା ୬୦୨ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି । ବର୍ଷା ଯୋଗୁଁ ଜିଲାର ତେଲ, ଉଦନ୍ତି, ହାତୀ, ରେତ ଆଦି ନଦୀରେ ଜଳସ୍ତର ବଢିଛି । ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି କଳାହାଣ୍ଡି ଜିଲ୍ଲାକୁ ରେଡ୍ ୱାର୍ଣିଂ ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ପାଇଁ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ପ୍ରଶାସନ ସଜାଗ ରହିବାକୁ ରାଜସ୍ୱ ମନ୍ତ୍ରୀ ଗତକାଲି ସମୀକ୍ଷା ବୈଠକ ବେଳେ ନିର୍ଦ୍ଦେଶ ଦେଇଥିଲେ । ହେଲେ ମଙ୍ଗଳପୁର ବ୍ୟାରେଜ ଅଚଂଳ, ନଇକୁଳିଆ ଗାଁ କିମ୍ବା ସମ୍ଭାବ୍ୟ ପ୍ରଭାବିତ ଅଚଂଳରେ ଆଜି କୌଣସି ଅଧିକାରୀ ଙ୍କ ଦେଖା ମିଳିନଥିଲା । ଇନ୍ଦ୍ରାବତୀ ପ୍ରକଳ୍ପ ମଙ୍ଗଳପୁର ବ୍ୟାରେଜରୁ ବାମ୍, ଡାହାଣ ଏବଂ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୫୦ କ୍ୟୁମେକ୍ସ ପାଣି ଛଡା ଯାଉଛି । ତେବେ ବର୍ଷା ଏବଂ ଜଳ ସଂରକ୍ଷଣ ସ୍ଥିତି କୁ ଦୃଷ୍ଟିରେ ରଖି ମଙ୍ଗଳପୁର ବ୍ୟାରେଜରୁ ଆଜି ୫ ଟି ଗେଟ୍ ଖୋଲା ଯାଇ ହାତୀ ନଦୀରେ ୫୫୦ ରୁ ୬୦୦ କ୍ୟୁମେକ୍ସ ପାଣି ଛଡା ଯାଉଛି । ଫଳରେ ବର୍ଷା ସାଙ୍ଗକୁ ମଙ୍ଗଳପୁର ବ୍ୟାରେଜ ପାଣି ମିଶି ହାତୀ ନଦୀରେ ଏକପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ହାତୀ ନଦୀ ରେ ମିଶିଥିବା ନାଳ ଗୁଡ଼ିକ ର ଜଳ ନଦୀରେ ନିଷ୍କାସନ ହୋଇପାରୁନି । ଇନ୍ଦ୍ରାବତୀ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ନହେଲେ ଆସନ୍ତାକାଲି ସକାଳ ସୁଦ୍ଧା ହାତୀ ନଦୀରେ ପ୍ରବଳ ବନ୍ୟା ହେବା ସାଙ୍ଗକୁ କଳମପୁର, ଜୁନାଗଡ଼ ବ୍ଲକ୍ ରେ ଫସଲ ନଷ୍ଟ ହେବା ଆଶଙ୍କା ରହିଛି । ସୂଚନା ଅନୁଯାୟୀ ମଙ୍ଗଳପୁର ବ୍ୟାରେଜ ର ଜଳଧାରଣ କ୍ଷମତା ୨୬୫ ମିଟର ରହିଛି । ଏଥି ସହିତ ବିଦ୍ୟୁତ୍ ଉତ୍ପାଦନରୁ ନିର୍ଗତ ପ୍ରାୟ ୨୦୦ କ୍ୟୁମେକ୍ସ ରୁ ଅଧିକ ପାଣି ମଙ୍ଗଳପୁର ବ୍ୟାରେଜ କୁ ଆସୁଛି । ଏଣୁ କ୍ଷମତା ଠାରୁ ଅଧିକ ଜଳ ବ୍ୟାରେଜ କୁ ଆସୁଥିବାରୁ ହାତୀ ବେଶିନ ବା ହାତୀ ନଦୀ ରେ ୫ ଟି ଗେଟ୍ ଦ୍ୱାରା ପାଣି ଛଡ଼ା ଯାଉଛି । ଫଳରେ ନଦୀରେ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଣୁ ସାଧାରଣ ପରିସ୍ଥିତି ଉପୁଜିବା ପର୍ଯ୍ୟନ୍ତ ପ୍ରକଳ୍ପ ରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରଖିବାକୁ ଚାଷୀ ମହଲରେ ମତ ପ୍ରକାଶ ପାଉଛି । ଆସନ୍ତାକାଲିଠାରୁ ଉପକୂଳବର୍ତ୍ତୀ ଜିଲାଗୁଡିକରେ ବର୍ଷା ପରିମାଣ କମିବ । କିନ୍ତୁ ଦକ୍ଷିଣ, ପଶ୍ଚିମ ଏବଂ ଉତର ଓଡ଼ିଶାର କିଛି ଅଚଂଳରେ ପ୍ରବଳ ହୋଇପାରେ । ୨୬ ତାରିଖରୁ ସାରା ରାଜ୍ୟରେ ବର୍ଷା ପରିମାଣ କମିଯିବା ସମ୍ଭାବନା ରହିଛି ।

## ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ଆମେରିକାକୁ ଇରାନର '୭ ଦିନିଆ' ପ୍ରସ୍ତାବ



ନ୍ୟୁୟର୍କ,୨୫/୯ :ଆମେରିକା ଓ ଇସ୍ରାଏଲ୍ ସହ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଏବଂ ଶାନ୍ତି ଆଲୋଚନା ପାଇଁ ଆମେରିକା ଆଗରେ ଏକ ନୂଆ '୭ ଦିନିଆ' ପ୍ରସ୍ତାବ ରଖିଛି ଇରାନ୍ । ଗୁରୁବାର ନ୍ୟୁୟର୍କରେ ଅନୁଷ୍ଠିତ ମିଳିତ ଜାତିସଂଘ ସାଧାରଣ ସଭା ଅବସରରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏହି ସୂଚନା ଦେଇଛନ୍ତି । ମଧ୍ୟସ୍ଥମାନଙ୍କ ଜରିଆରେ ହ୍ୱାଇଟ୍ ହାଉସକୁ ପଠାଯାଇଥିବା ଏହି ଯୋଜନାରେ କିଛି ନିର୍ଦ୍ଦିଷ୍ଟ ସର୍ତ ପୂରଣ ହେଲେ, ମାତ୍ର ସପ୍ତାହକ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ସ୍ୱାଭାବିକ କରାଯିବ ଏବଂ ଦୁଇ ଦେଶ ମଧ୍ୟରେ ଅନ୍ତିମ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ ହେବ ବୋଲି ସେ କହିଛନ୍ତି । ଇରାନର ଏହି ପ୍ରସ୍ତାବ ପରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟ ବ୍ୟାରେଲ୍ ପିଛା ୧୦୮ ଡଲାରରୁ ହ୍ରାସ ପାଇ ୧୦୫.୬୯ ଡଲାରରେ ପହଚିଂଛି । ଇରାନ୍ ପକ୍ଷରୁ କୁହାଯାଇଛି ଯେ, ଏହି ପ୍ରସ୍ତାବ ଗତ ଜୁନ୍ ମାସରେ ଆମେରିକା ଓ ଇରାନ୍ ମଧ୍ୟରେ ହୋଇଥିବା ବୁଝାମଣାପତ୍ର (ଏମ୍‌ଓୟୁ) ଉପରେ ଆଧାରିତ । ତେବେ ଜୁଲାଇ ପ୍ରାରମ୍ଭରେ ଅନଧିକୃତ ଜଳପଥ ବ୍ୟବହାର କରୁଥିବା ଜାହାଜଗୁଡ଼ିକ ଉପରେ ଇରାନ୍ ଗୁଳିଚାଳନା କରିବା ପରେ ଏହି ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା । ବର୍ତମାନର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପୁରୁଣା ବୁଝାମଣାକୁ ପ୍ରତ୍ୟାଖ୍ୟାନ କରି ଇରାନର ପରମାଣୁ କାର୍ଯ୍ୟକ୍ରମକୁ ସାମିଲ କରି ଏକ ବ୍ୟାପକ ଚୁକ୍ତି ପାଇଁ ଜିଦ୍ ଧରିଛି । ଜାତିସଂଘରେ ନିଜ ଭାଷଣ ସମୟରେ ଟ୍ରମ୍ପ ଅଭିଯୋଗ କରିଥିଲେ ଯେ ଆସନ୍ତା ନଭେମ୍ବର ମିଡଟର୍ମ (ମଧ୍ୟବର୍ତୀକାଳୀନ) ନିର୍ବାଚନ ପର୍ଯ୍ୟନ୍ତ ଇରାନ୍ ସମୟ ଗଡ଼ାଇବାକୁ ଚେଷ୍ଟା କରୁଛି । ତେବେ ଇରାନର ବୈଦେଶିକ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସେମାନେ ଆଲୋଚନା ପାଇଁ କୌଣସି ଶୀଘ୍ରତା ଦେଖାଉନାହାନ୍ତି, ମାତ୍ର ଆମେରିକା ପ୍ରସ୍ତାବ ଗ୍ରହଣ କଲେ ସଙ୍ଗେ ସଙ୍ଗେ ୭ ଦିନର ସମୟସୀମା ଆରମ୍ଭ ହୋଇଯିବ । ଅପରପକ୍ଷରେ, ଆମେରିକା ମଧ୍ୟସ୍ଥଙ୍କ ଜରିଆରେ ସାରାତ୍ମକ ଆଲୋଚନା ଚାଲିଥିବା ସ୍ୱୀକାର କରିଥିଲେ ବି ନିଜର ଦୃଢ଼ ସ୍ଥିତି ଦର୍ଶାଇ କୌଣସି ହଡ଼ବଡ଼ି ନଥିବା ପ୍ରକାଶ କରିଛି ।

## ଏସଆଇଆର ଓ ଏମଏମଡ଼ିଆର ପ୍ରସଙ୍ଗରେ ବର୍ଷିଲେ ନବୀନ

### ସିଇସିଙ୍କ ଇସ୍ତଫା ଦାବି କଲେ ବିରୋଧୀ ଦଳ ନେତା



ଭୁବନେଶ୍ୱର, ୨୫/୯ (ନି/ପ୍ର): ଏସଆଇଆର ବିବାଦ ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବଡ଼ ପତିକ୍ରିୟା । ଭାରତର ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି ନବୀନ । ସେ କହିଛନ୍ତି ଏସଆଇଆର ପ୍ରସଙ୍ଗରେ ପୁଣି ଥରେ ସମୀକ୍ଷା ହେବା ଦରକାର । ବିଜେଡି ଏସଆଇଆର ପ୍ରକ୍ରିୟା ବିରୋଧରେ ସବୁବେଳେ କହି ଆସିଛି । ବିଜେଡି ଏହି ଘଟଣାକୁ ଦୃଢତାର ସହ ନେବ ବୋଲି ସେ କହିଛନ୍ତି । ସେହିପରି ଏମଏମଡ଼ିଆର ପ୍ରସଙ୍ଗରେ ବିରୋଧୀ ଦଳ ନେତା ଟାର୍ଗେଟ କରି କହିଛନ୍ତି ଯେ, ୨୦ ବିଜେପି ସାଂସଦ ଚୁପ ରହିଲେ ଓ ସମର୍ଥନ କଲେ । ଏହା ରାଜ୍ୟ ରାଜସ୍ୱ ପାଇଁ ବଡ କ୍ଷତି ଆଣିବ । ବିଜୁ ଜନତା ଦଳ ଏହାର ପୁନଃ ସମୀକ୍ଷା ପାଇଁ ସରକାରଙ୍କ ଉପରେ ଚାପ ପକାଇବ । ସେପଟେ ଏମଏମଡିଆର ବିଲକୁ ବିଜେଡି ଲଗାତର ବିରୋଧ କରୁଛି । ଏହାର ପ୍ରତ୍ୟାହାର ପାଇଁ ଦାବି କରୁଛି । ଏ ସମ୍ପର୍କରେ ଆଜି ବିଜେଡି ବିଧାୟକମାନେ ଏଜି ଛକରେ ଠିଆ ହୋଇ ନାରାବାଜି କରିବା ସହ ସାଧାରଣ ଲୋକଙ୍କୁ ଲିଫଲେଟ୍ ବାଟିଂଛନ୍ତି । ସବୁ ମନ୍ତ୍ରୀଙ୍କ ଚାମ୍ବରରେ ମଧ ଲିଫଲେଟ୍ ବଟାଂଯାଇଛି । ଏମଏମଡିଆର ବିଲକୁ ବିରୋଧ କରି ବିଜେଡି ବିଧାୟକମାନେ ମନ୍ତ୍ରୀଙ୍କୁ ଜବାବ ମାଗିଛନ୍ତି । ଏମ୍‌ଏମ୍‌ଡିଆର ବିଲ୍‌କୁ ନେଇ ମଧ୍ୟ ନବୀନ ପ୍ରତିକ୍ରିୟା ରଖିଛନ୍ତି । ବିଜେଡି ଏହି ବିଲ୍‌କୁ ଦୃଢ଼ ଭାବେ ବିରୋଧ କରୁଛି ବୋଲି କହିଛନ୍ତି । ସଂସଦରେ ରାଜ୍ୟର ୨୦ ଜଣ ବିଜେପି ସାଂସଦ ଚୁପ୍ ରହିଥିବା ଏବଂ ରାଜ୍ୟ ସ୍ୱାର୍ଥ ପାଇଁ ପକ୍ଷ ରଖିନଥିବା ନବୀନ ଅଭିଯୋଗ କରିଛନ୍ତି ।




## କେନ୍ଦୁଝର ସମାଚାର

**A.R. KHAN**

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122


# ଏମଏମଡିଆର ସଂଶୋଧନ ଆଇନ, ୨୦୨୬କୁ ତୁରନ୍ତ ପ୍ରତ୍ୟାହାର କର : କଂଗ୍ରେସ




କେନ୍ଦୁଝର,୨୫/୯(ନି/ପ୍ର): ଏମ ଏମ ଡି ଆର ସଂଶୋଧନ ଆଇନ, ୨୦୨୬ ସୁପ୍ରିମକୋର୍ଟର ସମ୍ବିଧାନ ବେଂଚଙ୍କ ରାୟକୁ ନିଷ୍ଫଳ କରିବା ଉଦ୍ଦେଶ୍ୟରେ ଅଣାଯାଇଛି । ଦେଶର ସଂଘୀୟ ବ୍ୟବସ୍ଥା ମଧ୍ୟରେ ରାଜ୍ୟମାନଙ୍କର କ୍ଷମତା ଓ ଅଧିକାରକୁ ସଙ୍କୁଚିତ କରିବା ଏହାର ଉଦ୍ଦେଶ୍ୟ ।ଏହା ପେସା ଆଇନ ଓ ଜଙ୍ଗଲ ଅଧିକାର ଆଇନ ବିରୋଧରେ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର । ଖଣିଜ ସମ୍ପଦରେ ସମୃଦ୍ଧ ଅଚଂଳରେ ବସବାସ କରୁଥିବା ଆଦିବାସୀ ଓ କୃଷକ ସମୁଦାୟଙ୍କୁ ସେମାନଙ୍କ ଘରବାଡ଼ି, ଚାଷଜମି ଓ ଜୀବିକାରୁ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ କରିବା ଏହାର ଉଦ୍ଦେଶ୍ୟ । ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକର ଲୋକମାନଙ୍କୁ ପ୍ରଦୂଷଣର ବିଷାକ୍ତ କବଳରେ ଗଣହତ୍ୟା ଆଡ଼କୁ ଠେଲିଦେବା ଏହାର ଉଦ୍ଦେଶ୍ୟ । ଏମ ଏମ ଡି ଆର ସଂଶୋଧନ ଆଇନ, ୨୦୨୬ ରାଜ୍ୟମାନଙ୍କର ଜମି, ଜଳ, ଜଙ୍ଗଲ, ଘରବାଡ଼ି ଓ ଜୀବିକାକୁ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ଅଣାଯାଇଥିବାରୁ, ଏହି ଏମ ଏମ ଡି ଆର ସଂଶୋଧନ ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ପିସିସି ମୁଖ୍ୟ ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି । ଆସନ୍ତା ଅକ୍ଟୋବର ୭ ତାରିଖରେ କଂଗ୍ରେସ ଓ ତାର ସହଯୋଗୀ ଦଳକୁ ନେଇ ଏକ ବିରାଟ ସଭା କରାଯିବ ବୋଲି କହିଛନ୍ତି । ଏଆଇସିସି ସାଧାରଣ ସମ୍ପାଦକ କେସି ବେଣୁଗୋପାଳଙ୍କ ନିର୍ଦ୍ଦେଶରେ ପିସିସି ସଭାପତି ଭକ୍ତଚରଣ ଦାସ ଆହ୍ୱାନକ୍ରମେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଦିଗଦର୍ଶନରେ କେନ୍ଦୁଝର ଜ଼ିଲ୍ଲା କଂଗ୍ରେସ ସଭାପତି ଇଂ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି କେନ୍ଦୁଝର ଜନସାଧାରଣ ସଜାଗ ହୋଇ ଆମର ହକ ପାଇଁ ଲଢେଇ କରିବା ପାଇଁ ସହଯୋଗ ପାଇଁ ନିବେଦନ କରିଛନ୍ତି । ଏହି ପିସିସି ପର୍ଯ୍ୟବେକ୍ଷକ ଟିମରେ ପିସିସି ସାଧାରଣ ସମ୍ପାଦକ ସଂଜୀବ ଗିରି, ପିସିସି ସାଧାରଣ ସମ୍ପାଦକ ବିଶ୍ୱଜିତ ଦାଶ, ପିସିସି ସାଧାରଣ ସମ୍ପାଦକ ମନୋଜ ରାଉତ, ପିସିସି ସମ୍ପାଦକ ସଂଗ୍ରାମ ଦାସ, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ନାରାୟଣ ସିଂହ ଲାଗୁରି, ପିସିସି ସମ୍ପାଦକ ତୁଷାର ତପସ୍ୱି, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ରାଜୀବ ପରିଡା, ଏତିହ୍ୟ ଦିବ୍ୟ ସିଂହ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ଜ଼ିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ପୂର୍ବତନ ସାଂସଦ ଶଂକୁନ୍ତଳା ଲାଗୁରି, ପୂର୍ବତନ ଜ଼ିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜ଼ିଲ୍ଲା କଂଗ୍ରେସ ଉପସଭାପତି ସୁବ୍ରତ କୁମାର ଚକ୍ର, ଲଳିତ ମୋହନ ନାୟକ, ନିର୍ମଳ ନାଏକ, ଲକ୍ଷ୍ମଣ ଦାଶ, କଂଗ୍ରେସ ନେତା ବୀରଭଦ୍ର ମହାନ୍ତ, ସୁଜଳ କୁମାର ସେଠି, ଉନ୍ନମ ସାହୁ, ରତ୍ନାକର ଜେନା, ହାଡିବନ୍ଧୁ ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ରଦାସ, ଦୀପକରାଜ, ବୁଲୁ ବଘେଲ ବାବୁ, ଗୋବିନ୍ଦ ମହାନ୍ତ ରବୀନ୍ଦ୍ର ମହାରଣା, ଲକ୍ଷ୍ମଣ ମହାନ୍ତ, ତ୍ରିଲୋଚନ ପରିଡା, ନିରାକାର ସାହୁ,କ୍ଷୀରୋଦ ପାତ୍ର, ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝରରେ ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟିତ

କେନ୍ଦୁଝର,୨୫/୯(ନି/ପ୍ର):କେନ୍ଦୁଝର ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ୧୪ ବର୍ଷ ଓ ୧୭ ବର୍ଷରୁ କମ ବାଳକ ଓ ବାଳିକା ଟାଇକୋଣ୍ଡ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତରେ ଶଙ୍କରପୁର ସ୍ଥିତ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରସାଦ ପରିଡ଼ା, ଜିଲା କ୍ରୀଡ଼ା ଅଧିକାରୀ ସରୋଜ ମଲିକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସଦର ଓଁକାର ଅନ୍ୱେଷ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ରାଜ୍ୟ ତଥା ଦେଶର କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ ନିମନ୍ତେ ଉତ୍ସାହିତ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ୩୧ଟି କ୍ରୀଡ଼ା ଜୋନ୍‌ରୁ ୪୫୦ କ୍ରୀଡ଼ାବିତ ଓ ୫୦ ଜଣ ଅଫିସିଆଲ ଯୋଗ ଦେଇଛନ୍ତି । ଏହି କ୍ରୀଡା ପ୍ରତିଯୋଗିତା ପରିଚାଳନାରେ ରାଜ୍ୟ ଓ ଜିଲ୍ଲାର ୫୦ ଜଣ ଅଫିସିଆଲ ଓ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ।

# ଗାନ୍ଧୀବାଦୀ କପିଳ ଚରଣ ସର୍ବଦା ବନ୍ଦନୀୟ

ଭଦ୍ରକ, ୨୫/୯(ନି/ପ୍ର):ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ସଂଗଠକ, ଗାନ୍ଧୀ ବାଳାଶ୍ରମର ପ୍ରାକ୍ତନ ସଂପାଦକ କପିଳ ଚରଣ ଦାସଙ୍କ ୧୭ତମ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଐତିହାସିକ ଗାନ୍ଧୀ ବାଳାଶ୍ରମ ଭଦ୍ରକ ପରିସରରେ ସମାରୋହରେ ପାଳିତ ହୋଇଯାଇଛି । ମହାତ୍ମା ଗାନ୍ଧୀ ବିଚାର ମଂଚର ସମ୍ପାଦକ ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ "ଅମୃତ ଦର୍ଶନ"ର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବରେ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଗାନ୍ଧୀ ବିଚାର ମଂଚର ସଭାପତି ଶାନ୍ତନୁ କୁମାର ରାଉତ, ପାଳିଆ କଲେଜର ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ଭଦ୍ରକ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ, ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀ, ଗାନ୍ଧୀ ବାଳାଶ୍ରମ ପରିଚାଳନା କମିଟିର ସଦସ୍ୟ ଉପେନ୍ଦ୍ର କୁମାର ବାରିକ ଓ ପ୍ରାକ୍ତନ ଅଧୀକ୍ଷକ ହୃଷିକେଶ ମହାନ୍ତି ଇତ୍ୟାଦି ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ୱାଧୀନତା ସଂଗ୍ରାମର ଯୋଗଦାନ, ଦେଶପ୍ରେମ, ସମାଜସେବା ଓ ତ୍ୟାଗପୂତ ଜୀବନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସ୍ୱର୍ଗତ ଦାସ ଗାନ୍ଧୀଙ୍କ ଜୀବନ ଦର୍ଶନ, ନୀତି ଆଦର୍ଶକୁ ଗ୍ରହଣ କରି ପିତୃମାତୃହୀନ ଅନାଥ ଶିଶୁଙ୍କୁ ସମାଜର ମୁଖ୍ୟସ୍ରୋତରେ ଯେଉଁଭଳି ସାମିଲ କରିପାରିଥିଲେ ତାହା ଯୁଗଯୁଗକୁ ସ୍ମୃତି ହୋଇରହିବ । ଯଥାର୍ଥରେ ସ୍ୱର୍ଗତ ଦାସ ଥିଲେ ସାର୍ଥକ ରଚନାତ୍ମକ କର୍ମୀ ଓ କିମ୍ବଦନ୍ତୀ ସମାଜସେବୀ । ତାଙ୍କର ବହୁବିଧ ପ୍ରତିଭା ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ । ପ୍ରତ୍ୟୁଷରେ ସର୍ବଧର୍ମ, ପ୍ରାର୍ଥନା, ତିଳତର୍ପଣ, ସମାଧୀପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସଭାପ୍ରାରମ୍ଭରେ କଳାକାର କାଳନ୍ଦୀ ମଲ୍ଲିକ ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ଓ ପ୍ରାକ୍ତନ ଅଧୀକ୍ଷକ ହୃଷିକେଶ ମହାନ୍ତିଙ୍କ ସଂଯୋଜିତ କାର୍ଯ୍ୟକ୍ରମରେ ପୁରୁବାଇ କନ୍ୟାଶ୍ରମ ସମ୍ପାଦିକା ସୁମତି ମହାନ୍ତି, ବରିଷ୍ଠ ଶିକ୍ଷାବିତ୍ କାଦମ୍ବିନୀ ମହାନ୍ତି, ବସନ୍ତ କୁମାର ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ, ମଦନ ମୋହନ ନାୟକ, କଲାମ ଖାଁ, ପ୍ରଫେସର କୈଳାସ ଚନ୍ଦ୍ର ଜେନା, କବି କୈଳାସ ଦାସ, ରାମଚନ୍ଦ୍ର କର, ନାସିରୁଦ୍ଦିନ ଖାଁ, ନରେନ୍ଦ୍ର ବିଶ୍ୱାଳ ଓ ପ୍ରତାପ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ସଭାରେ ଯୋଗ ଦେଇଥିଲେ । ସଭା ଶେଷରେ ବସୁମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଇକକୁ ଧକ୍କା ଦେଲା ଟ୍ରକ, ୨ ବାଇକ ଆରୋହୀ ମୃତ



କେନ୍ଦୁଝର,୨୫/୯(ନି/ପ୍ର): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଧୃପଦାଠାରେ ବାଇକକୁ ଧକ୍କା ଦେଲା ଟ୍ରକ୍ । ଏହି ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଯାଇଥିବାବେଳେ ମୃତକଙ୍କ ପରିଚୟ ମିଳିପାରିନାହିଁ । ଗୋଟିଏ ବାଇକରେ ଜଣେ ପୁରୁଷ ଓ ମହିଳା ଯାଉଥିବାବେଳେ ପଛରୁ ଏକ ଟ୍ରକ ଦ୍ରୁତ ଗତିରେ ଆସି ଉଭୟଙ୍କ ଉପରେ ଚଢ଼ି ଯାଇଥିଲା । ମହିଳାଙ୍କୁ ଟ୍ରକ ଚକାତଳେ ପ୍ରାୟ ୨୦୦ ମିଟର ଘୋଷାଡ଼ି ନେଇଥିବା ବେଳେ ତାଙ୍କର ଶରୀର ଖଣ୍ଡ ବିଖଣ୍ଡିତ ହୋଇପଡ଼ିଛି । ଦୁର୍ଘଟଣା ଘଟାଇ ଟ୍ରକଟି ଫେରାର ହୋଇଯାଇଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଛି ।

# ମୋଟର ପମ୍ପ ଚୋରି ଅଭିଯୋଗରେ ୧ ଗିରଫ

ଭଦ୍ରକ,୨୫/୯(ନି/ପ୍ର):ମୋଟର ପମ୍ପ ଚୋରି ଅଭିଯୋଗରେ ବନ୍ତ ପୋଲିସ୍ ଆଗରପଡା ଥାନା ଅଧିନ ଧୋବାଗଡିଆ ଗ୍ରାମର ଗଣେଶ ସାହୁଙ୍କ ପୁଅ ରାଧାକାନ୍ତ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୧୬ ତାରିଖ ରାତ୍ର ୧୦.୩୦ ମିନଟ ସମୟରେ ରାଧାକାନ୍ତ ଓଡଙ୍ଗରେ ଥିବା ପରିବା କ୍ଷେତରେ ଲାଗିଥିବା ମୋଟର ପମ୍ପକୁ ଚୋରି କରି ନେଇଯାଇଥିଲେ । ଯାହାକି ସିସିଟିଭିରେ କଏଦ୍ ହୋଇଛି । ଏନେଇ ଓଡଙ୍ଗ ଗ୍ରାମର ରମାକାନ୍ତ ପଢିଆରି ବନ୍ତ ଥାନାରେ ଅଭିଯୋଗ କରିବା ପରେ ବନ୍ତ ପୋଲିସ ତଦନ୍ତ କରି ଅଭିଯୁକ୍ତ ଗିରଫ କରିବା ସହ ଚୋରି ହୋଇଥିବା ମୋଟର ପମ୍ପକୁ ଜବଦ କରିଛି । ଅନ୍ୟପକ୍ଷରେ ଏହି ଚୋରିରେ ସଂପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତକୁ ଖୁବ୍‌ଶିଘ୍ର ଗିରଫ କରାଯିବ ବୋଲି ବନ୍ତ ପୋଲିସ କହିଛି ।

# 'ରମ୍ଭାଦେବୀ ଥିଲେ ତ୍ୟାଗ ଓ ସେବାର ପ୍ରତୀକ' : ସ୍ମୃତିଚାରଣ ସଭାରେ ବିଶିଷ୍ଟ ବ୍ୟକ୍ତିଙ୍କ ମତପ୍ରକାଶ



କଟକ,୨୫/୯(ନି/ପ୍ର): ରମ୍ଭାଦେବୀ ଦ୍ୱିତୀୟା ଥିଲେ ସ୍ୱାଧୀନତା ସଂଗ୍ରାମୀ, ମୌଳିକ ଶିକ୍ଷା ଓ ଜନସ୍ୱାସ୍ଥ୍ୟ ସେବାରେ ଆପଣାକୁ ସମର୍ପଣ କରିଥିବା ଜଣେ ଗାନ୍ଧୀପନ୍ଥୀ ବିଶିଷ୍ଟ ସମାଜସେବୀ । ନିସ୍ୱାର୍ଥପର ଭାବେ ସେ ନିଜର ସର୍ବସ୍ୱ ଦାନ କରି ଓଡ଼ିଶାବାସୀଙ୍କର ସେ ଯେଉଁ ଉପକାର କରିଛନ୍ତି ତାହା ବିରଳ ଏବଂ ଉଦାହରଣୀୟ ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି । ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନରେ 'ସେବା ସମିତି', କଟକ ଓ ହରିଦାସପୁର ପକ୍ଷରୁ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ରମାକାନ୍ତ ନାଥ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥ ଭାବେ ଯୋଗଦାନ କରି ରମ୍ଭାଦେବୀଙ୍କ କର୍ମଭୂମି ହରିଦାସପୁର ଅଚଂଳର ସମାଜସେବୀ ଦୁର୍ଗା ପ୍ରସନ୍ନ ଦାସ ରମ୍ଭାଦେବୀଙ୍କର ହରିଦାସପୁରକୁ ଆଗମନ ଏବଂ ସେଠାରେ କଦଳା ମଠ ମହନ୍ତ ଅଧିକାରୀ ଚକ୍ରଧର ଦାସ ଓ ଗ୍ରାମବାସୀଙ୍କ ସହଯୋଗରେ କିପରି 'ସେବା ସମିତି' ପ୍ରତିଷ୍ଠା କଲେ ଏବଂ ସେ ଅଚଂଳକୁ ଅନ୍ୟ ଏକ ନଗଡ଼ାରୁ ଉଦ୍ଧାର କରିଥିଲେ; ତାହା ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଓଡ଼ିଶା ହାଇକୋର୍ଟର ବରିଷ୍ଠ ଅଧିବକ୍ତା ସୁରେନ୍ଦ୍ର କର, ଆଜିର ଦିନରେ ରମ୍ଭାଦେବୀଙ୍କ ପ୍ରାସଙ୍ଗିକତା ରହିଛି ଏବଂ ସେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାମ କରିଯାଇଛନ୍ତି ବୋଲି କହିଥିଲେ । ସମ୍ମାନିତ ବକ୍ତା ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ ରମ୍ଭାଦେବୀଙ୍କ ଘଟଣାବହୁଳ ଜୀବନ ତଥା ତାଙ୍କର ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ । ରମ୍ଭାଦେବୀ ବିହାରରେ ଜନ୍ମଗ୍ରହଣ କରି ପଶ୍ଚିମବଙ୍ଗ ଓ ତାମିଲନାଡୁରେ ଶିକ୍ଷାଲାଭ କରି ଶେଷରେ ଓଡ଼ିଶାରେ ଆସି ସେବା ନିଜକୁ ସେବାରେ ନିୟୋଜିତ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ସେ ସୁଦୂର ଗୁଜରାଟ ଛାଡ଼ି ଓଡ଼ିଶାକୁ ଚାଲି ଆସିଥିଲେ । ଅନ୍ୟତମ ବକ୍ତା ଉତ୍କଳ ଖଦୀ ମଣ୍ଡଳର ସଭାପତି ଦେବେନ୍ଦ୍ର କୁମାର ପରିଡ଼ା, ରମ୍ଭାଦେବୀ ଯାହା ଓଡ଼ିଶାରେ ଛାଡ଼ିଦେଇ ଯାଇଛନ୍ତି, ତାହା ସେବାମୂଳକ କାମରେ ବିନିଯୋଗ ହେବା ଆବଶ୍ୟକ ବୋଲି କହିଥିଲେ । 'ସେବା ସମିତି' ସମ୍ପାଦିକା ମନ୍ଦାକିନୀ ଜେନା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ଚିକିତ୍ସକ ଡାକ୍ତର ରୁଦ୍ର ନାରାୟଣ ପୃଷ୍ଟିଙ୍କୁ ୨୦୨୬ ବର୍ଷ ପାଇଁ 'ରମ୍ଭାଦେବୀ ସେବା ସମ୍ମାନ' ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ବିକ୍ରମ କେଶରୀ ମହାନ୍ତି ଓ ରେଣୁବାଳା ସାହୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସଭା ପ୍ରାରମ୍ଭରେ ସର୍ବୋଦୟ କର୍ମୀ ଇନ୍ଦୁମତି ସାହୁ ଓ ମାଳତୀ ପାତ୍ର ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲାବେଳେ ମନ୍ଦାକିନୀ ଜେମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ




ଭଦ୍ରକ,୨୫/୯(ନି/ପ୍ର): ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଂଜିତ ପାତ୍ର ମୁଖ୍ୟଅତିଥି, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ରିୟାନା ରାଜୁ, ବରେଣ୍ୟ ଅତିଥି ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ସମ୍ମାନିତ ଅତିଥିଭାବେ ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି, ରାଜ୍ୟ ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ପ୍ରଦ୍ୟୁମ୍ନ ଦାସ, ରାଜେନ୍ଦ୍ର ପଣ୍ଡା, ପୀତବାସ ଧଳ, ଶର୍ମିଷ୍ଠା ପଣ୍ଡା, ଅବଦୁଲ ମୋକିତ ଖାଁ, ହରିହର ମଣ୍ଡଳ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ମୁଖ୍ୟ ଅତିଥି ରାଜ୍ୟ ଯୁବ ସଭାପତି ରଂଜିତ ପାତ୍ର ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ ତାଙ୍କ ବକ୍ତବ୍ୟରେ ଭଦ୍ରକ ଜିଲ୍ଲାର ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଓ ଭଦ୍ରକ ବିଶ୍ୱବିଦ୍ୟାଳୟ ଓ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ନିର୍ବାଚନୀ ସମୟରେ ପ୍ରତିଶୃତି ଦେଇଥିଲେ ତାହା ଆଜି ପାଣିର ଗାର ପାଲଟିଛି । ଏହା ବିରୁଦ୍ଧରେ ଆଗାମୀ ଦିନରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭଦ୍ରକ ଜିଲ୍ଲା ଗସ୍ତ ସମୟରେ ଯୁବ କଂଗ୍ରେସ ତରଫରୁ ଘୋର ବିରୋଧ କରାଯିବ । ଦେଶର ଯୁବକମାନେ ଭବିଷ୍ୟତ, ଆଜି କେନ୍ଦ୍ର ଓ ରାଜ୍ୟ ସରକାର ଯୁବକ/ଛାତ୍ର ମାନଙ୍କ ଭବିଷ୍ୟତକୁ ଅନ୍ଧାର ମଣ୍ଡକୁ ଠେଲି ଦେଉଛି । ନିଟ୍ ପ୍ରଶ୍ନପତ୍ର ଲିକ ମାମଲାକୁ ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ଓଡିଶାର ପାଠ୍ୟ ପୁସ୍ତକର ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କ ଅପାରଗତାକୁ ଭର୍ତ୍ସନା କରିଥିଲେ । ସେହିପରି ଆଗାମୀ ଦିନରେ ରାଜ୍ୟର ଯୁବକଂଗ୍ରେସ ଡବଲ ଇଞ୍ଜିନି ସରକାରକୁ ଉଚିତ ଜବାବ ଦେବ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ବକ୍ତବ୍ୟ ଦେବା ସହ ଜିଲ୍ଲାର ଯୁବ କଂଗ୍ରେସକୁ ତୃଣମୂଳ ସ୍ତରରେ ସୁଦୃଢ଼ କରାଯିବାକୁ କାର୍ଯ୍ୟକାରିଣୀ ବୈଠକରେ ଆହ୍ୱାନ ଦେଇଥିଲେ । ଆୟୋଜିତ ଏହି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ବିଦ୍ୟାଧର ଜେନା,ବିଜୟ ବାରିକ,ରଞ୍ଜନ ଜେନା, ମନୋଜ ମଲ୍ଲିକ, ଗୟାଧର ସେଠୀ,କାଉନସିଲର ସାହିଲ କାଦ୍ରି,ଗୋଲାମ ମଇଉଦ୍ଦିନ,ଏନ୍‌ମୁଲ ହକ ଭଦ୍ରକ ଯୁବକଂଗ୍ରେସ ନେତା ସୂର୍ଯ୍ୟପ୍ରକାଶ ମହାନ୍ତି, ଭଦ୍ରକ ବିଧାନସଭା ଯୁବ କଂଗ୍ରେସ ନେତା ଇଲିଆସ ଅଲ୍ଲୀ ଖାଁ, ରିଆଜ୍ ଖାଁ, ନଫିଜ୍ ଖାଁ, ବାସୁଦେବପୁର ଯୁବ କଂଗ୍ରେସ ସଭାପତି ସିଦ୍ଧାର୍ଥ ଦାସ ଓ ସୁଶାନ୍ତ ମହାକୁଡ଼, ଧାମନଗର ନିର୍ବାଚନୀ ମଣ୍ଡଳୀ ଯୁବକଂଗ୍ରେସ ନେତା ଆଲୋକ ସ୍ୱାଇଁ , ଚନ୍ଦ୍ରକାନ୍ତ ବାରିକ୍, ବନ୍ତ ବ୍ଲକ ଯୁବକଂଗ୍ରେସ ସନ୍ଦୀପ ଜେନା, ନିରଞ୍ଜନ ନାୟକ, ସମ୍ବିଦ୍ ଦାସ, ଚାନ୍ଦବାଲି ଯୁବ କଂଗ୍ରେସ ନେତା ପୃଥ୍ୱିରାଜ ନାୟକ, ଭଣ୍ଡାରୀ ପୋଖରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ସାୟଦ ସିଦ୍ଧିକ୍ ବାସୁଦେବ ପୁର ନଗର ସଭାପତି ସୁଶାନ୍ତ ମହାକୁଡ଼ଙ୍କ ସମେତ ୫ ଗୋଟି ବିଧାନସଭା ଓ ୭ଗୋଟି ବ୍ଲକ , ଭଦ୍ରକ ମ୍ୟୁନିସ୍‌ପାଲିଟ୍, ବାସୁଦେବପୁର ମ୍ୟୁନିସ୍‌ପାଲିଟ୍ ହଜାର ରୁ ଉର୍ଦ୍ଧ ଯୁବ କଂଗ୍ରେସର କର୍ମୀ ମାନେ ଯୋଗ ଦେଇ ଓ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ସ୍ୱରଉତୋଳନ କରିଥିଲେ ।

# ବଡ଼ଘାଟିରେ ଖସିଲା ବିରାଟ ପଥର :

## ଭୂସ୍ଖଳନ ଆଶଙ୍କା, ଏନ୍‌ଏଚ୍-୧୬ରେ ଯାତାୟାତ ପ୍ରଭାବିତ



ଗଞ୍ଜାମ,୨୫/୯(ନି/ପ୍ର): ଗଭୀର ଅବପାତ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ୧୬ ନମ୍ବର ଜାତୀୟ ରାଜପଥର ଗଞ୍ଜାମ ଓ ଖୋର୍ଦ୍ଧାଜିଲ୍ଲା ସୀମାରେ ଥିବା ବଡ଼ଘାଟି ଅଚଂଳରେ ପାହାଡ଼ରୁ ଏକ ବିରାଟକାୟ ପଥର ଖସି ରାସ୍ତା ଉପରେ ପଡ଼ିଥିଲା । ହଠାତ୍ ପଥର ଖସିବା ଯୋଗୁଁ ବ୍ରହ୍ମପୁର-ଭୁବନେଶ୍ୱର ମଧ୍ୟରେ ଯାତାୟାତ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିବା ଜଣାପଡ଼ିଥିଲା । ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ପ୍ରଶାସନ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଚିଂ ଥିଲେ । ଯାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନିଆଯାଇଥିଲା । ଲଗାଣ ବର୍ଷା ଯୋଗୁଁ ପାହାଡ଼ରୁ ଆହୁରି ପଥର ଖସିବା କିମ୍ବା ଭୂସ୍ଖଳନ ହେବାର ଆଶଙ୍କା ଥିବାରୁ ସମ୍ପୃକ୍ତ ବିଭାଗ ପକ୍ଷରୁ ସତର୍କ ନଜର ରଖାଯାଇଛି । ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କର୍ମଚାରୀମାନେ ବଡ଼ଘାଟିରେ ପହଚିଂ କ୍ରେନ୍ ସହାୟତାରେ ରାସ୍ତା ଉପରେ ପଡ଼ିଥିବା ବିରାଟ ପଥରକୁ ହଟାଇବା ସହ ସଫେଇ କାର୍ଯ୍ୟ କରିଥିଲେ । ରାସ୍ତା ସଫା ହେବା ପରେ ବର୍ତ୍ତମାନ ଏନ୍‌ଏଚ୍-୧୬ରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି । ତେବେ ବର୍ଷା ଜାରି ରହିଥିବାରୁ ବଡ଼ଘାଟି ଦେଇ ଯାତାୟାତ କରୁଥିବା ଯାତ୍ରୀ ଓ ଚାଳକମାନଙ୍କୁ ସତର୍କତାର ସହ ଯାତାୟାତ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# କାଟାମାଟି ମାଇନ୍ସ ନିକଟରେ ଡିଜେଲ ଚୋର ଗିରଫ ମାରଣାସ୍ତ୍ର ଜବତ

ଚମ୍ପୁଆ,୨୫/୯(ନି/ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ବିଲେଇପଦା ଫାଣ୍ଡି ଅନ୍ତର୍ଗତ କାଟାମାଟି ମାଇନ୍ସ ନିକଟରେ ଏକ ବଡ଼ଧରଣର ଡିଜେଲ ଚୋରି ଉଦ୍ୟମକୁ ଡ୍ରାଇଭରମାନେ ସଫଳତାର ସହ ପଣ୍ଡ କରିଛନ୍ତି । ସତର୍କ ଡ୍ରାଇଭରମାନଙ୍କ ହାବୁଡ଼ରେ ପଡ଼ିଯାଇଥିବା ଜଣେ ଡିଜେଲ ଚୋରକୁ ଅଟକ ରଖାଯିବା ସହ ତା'ଠାରୁ ଚୋରି ସାମଗ୍ରୀ ଏବଂ ମାରଣାସ୍ତ୍ର ଜବଦ କରାଯାଇଛି । ସୂଚନା ଅନୁଯାୟୀ, କାଟାମାଟି ମାଇନ୍ସ ଅଂଚଳରେ ଦୀର୍ଘଦିନ ହେଲା ବିଭିନ୍ନ ଯାନବାହନରୁ ଡିଜେଲ ଚୋରି ହେଉଥିବା ଅଭିଯୋଗ ହୋଇଆସୁଥିଲା । ଗତକାଲି ରାତିରେ ଜଣେ ଚୋର ଡିଜେଲ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଡ୍ରାଇଭର ମାନଙ୍କ ନଜରରେ ପଡ଼ି ଯାଇଥିଲା । ଡ୍ରାଇଭରମାନେ ସାହସିକତାର ସହ ପଦକ୍ଷେପ ନେଇ ଚୋରକୁ କାବୁକରି ଉତମ ମଧ୍ୟମ ଦେବା ସହିତ ଅଟକ ରଖିଥିଲେ । ପରେ ସଙ୍ଗେ ସଙ୍ଗେ ବିଲେଇପଦା ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ । ଖବର ପାଇ ବିଲେଇପଦା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ଅଟକ ଥିବା ଚୋରକୁ ଗିରଫ କରିବା ସହିତ ତା' ନିକଟରୁ ଡିଜେଲ ଚୋରି ସାମଗ୍ରୀ ସମେତ ଏକ ଦେଶୀ ପିସ୍ତଲ, ଭୁଜାଲି ଓ ଟେଂଚ ଜବଦ କରାଯାଇଥିଲା । ପରେ ପୋଲିସ ଅଭିଯୁକ୍ତକୁ ଯୋଡ଼ା ଥାନାକୁ ଆଣି ଅଧିକ ତଦନ୍ତ ଜାରି ରଖିଥିବା ଜଣା ପଡିଛି ।

# ସମାଜସେବୀ ଗଣେଶ ମେକାପଙ୍କ ପରଲୋକ

କେନ୍ଦ୍ରାପଡ଼ା, ୨୫/୯(ନି/ପ୍ର):କେନ୍ଦ୍ରାପଡା ପୌରାଂଚଳର ୧ନଂ ୱାର୍ଡ ଇଛାପୁର ଗ୍ରାମର ବାସିନ୍ଦା ତଥା ସମାଜସେବୀ ଗଣେଶ ପ୍ରସାଦ ମେକାପଙ୍କ ହୃଦଘାତରେ ଆକସ୍ମିକ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା ।

# ବିବିଧା

## ରହସ୍ୟମୟ ରୋନୋକ ଦ୍ୱୀପ



ଯେଉଁଠି ୧୧୫ ଲୋକ ରାତିରେ ହୋଇଯାଇଥଲେ ଉଭାନ ଆମେରିକାର ଅନ୍ୟତମ ଭୟଙ୍କର ରହସ୍ୟ । ୪୩୮ ବର୍ଷ ହେଲା ଯେଉଁ ପ୍ରଶ୍ନର ଉତ୍ତର ମିଳୁନି । ଜଣେ କି ଦୁଇ ଜଣ ନୁହେଁ ଗୋଟେ ଜନ ବସତିର ସବୁ ମଣିଷ କୁଆଡେ ଗଲେ ? ସେମାନଙ୍କ ଅନ୍ତର୍ଦ୍ଧାନର ରହସ୍ୟ କେବଳ ଇଂଲଣ୍ଡ କି ଆମେରିକା ନୁହଁ ସାରା ବିଶ୍ୱକୁ ଆନ୍ଦୋଳିତ କରିଆସୁଛି ଶହଶହ ବର୍ଷ ଧରି... ଦ ଲଷ୍ଟ କଲୋନି ଅଫ୍ ରୋନୋକ...ଏ ଗ୍ରେଟ୍ ମିଷ୍ଟ୍ରି ...ଉତ୍ତର ଆମେରିକାରେ ଥିଲା ଏକ ଦ୍ୱୀପ । ଯେଉଁଠି ରହୁଥିଲେ ୧୧୫ ଜଣ ଲୋକ । ଇଂଲଣ୍ଡରୁ ଯାଇ ସେଠାରେ ବସତି ଗଢିଥିଲେ । ଚାଷ ବାସ କରି ଦୀର୍ଘ ବସତିର ଲକ୍ଷ୍ୟ ରଖିଥିଲେ । କିନ୍ତୁ ହଠାତ କଣ ହେଲା କେଜାଣି । ପୁରା ବସତିର ସବୁ ଲୋକ ରାତାରାତି ହୋଇଯାଇଥିଲେ ଉଭାନ । ଘର ଥିଲା, ଜିନିଷପତ୍ର ବି ଥିଲା କିନ୍ତୁ ଜଣେ ବି ଲୋକର ଆତାପତା ନଥିଲା । ସେମାନେ ସ୍ଥାନ ଛାଡିଯିବାର ସଂକେତ ବି ନଥିଲା,ଆଉ ନଥିଲା ମଧ୍ୟ କିଛି ଆକ୍ରମଣ,ଯୁଦ୍ଧ, ଅଘଟଣ ବା ବିପତ୍ତିର ଚିହ୍ନ । ୧୫୮୭ରେ ବସତି ବସିଥିଲା, କିନ୍ତୁ ତିନି ବର୍ଷ ପରେ ଅର୍ଥାତ୍ ୧୫୯୦ ରେ ବସତିଟି ଜନଶୂନ୍ୟ ।ସେ ଦ୍ୱୀପର ନାମ ଥିଲା ରୋନୋକ । ଏବେ ତାହାର ନୂଆ ନାଁ ନର୍ଥ କାରୋଲିନା ।କ'ଣ ଥିଲା ରହସ୍ୟ ...କେଉଁଠୁ ଆରମ୍ଭ, ଆଉ କେଉଁଠି ଟ୍ୱିଷ୍ଟ ...

## ବିଶ୍ୱ ସ୍ୱପ୍ନ ଦିବସ



୨୦୧୨ରୁ ପ୍ରତି ବର୍ଷ ସେପ୍ଟେମ୍ବର ୨୫ରେ ପାଳିତ ହେଉଛି ବିଶ୍ୱ ସ୍ୱପ୍ନ ଦିବସ । କଲମ୍ବିଆ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ମଣିଷ ଶୋଇଥିବା ବେଳେ ହାରାହାରି ପାଞ୍ଚରୁ ସାତ ଥର ସ୍ୱପ୍ନ ଦେଖିପାରେ । ବାର ପ୍ରତିଶତ ମଣିଷ କଳା ଓ ଧଳାରେ ସ୍ୱପ୍ନ ଦେଖନ୍ତି । ଦୃଷ୍ଟିହୀନମାନେ ସ୍ୱପ୍ନରେ ଛବି ଦେଖିପାରନ୍ତି । ପୋଷା ପ୍ରାଣୀମାନେ ବି ସ୍ୱପ୍ନ ଦେଖୁଥିବା ମୁହଁ ହିଁ ସ୍ୱପ୍ନରେ ଦେଖିଥାଏ । ମଣିଷ ଶୋଇବାର ନବେରୁ ଶହେ କୋଡ଼ିଏ ମିନିଟ୍ ମଧ୍ୟରେ ସ୍ୱପ୍ନ ଦେଖେ । ଉଠିବାର ପାଞ୍ଚ ମିନିଟ୍ ଭିତରେ ପଚାଶ ପ୍ରତିଶତ ସ୍ୱପ୍ନ ବିସ୍ମୃତ ହୋଇଯାଏ ଏବଂ ଦଶ ମିନିଟ ମଧ୍ୟରେ ନବେ ପ୍ରତିଶତ । ପ୍ରତ୍ୟେକ ମଣିଷର ଆୟୁର ପ୍ରାୟ ଛଅ ବର୍ଷ କାଳ ସ୍ୱପ୍ନ ଦେଖିବାରେ କଟେ । ଆମେ ଦେଖୁଥିବା ଅଧିକାଂଶ ସ୍ୱପ୍ନ ନକାରାତ୍ମକ । ମହିଳାଙ୍କ ତୁଳନାରେ ପୁରୁଷମାନେ ଅଧିକତର ହିଂସ୍ର ସ୍ୱପ୍ନ ଦେଖନ୍ତି । ଘୁଙ୍ଗୁଡ଼ି ମାରୁଥିବା ବେଳେ ସ୍ୱପ୍ନ ଆସେନାହିଁ । ପୁରୁଷମାନେ ଅଧିକାଂଶ ସମୟରେ ପୁରୁଷଙ୍କୁ ହିଁ ସ୍ୱପ୍ନରେ ଦେଖନ୍ତି । ତେବେ ମହିଳାମାନେ ସମାନ ସଂଖ୍ୟକ ପୁରୁଷ ଓ ମହିଳା ସ୍ୱପ୍ନରେ ଦେଖନ୍ତି ।

## ଅନନ୍ତ ବ୍ରତ



ଭାଦ୍ରବ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ହେଉଛି ଅନନ୍ତ ଚତୁର୍ଦ୍ଦଶୀ ଏବଂ ଏହି ଦିନ ପାଳନ କରାଯାଏ ଅନନ୍ତ ବ୍ରତ । ଇହକାଳରେ ସକଳ ଐଶ୍ୱର୍ଯ୍ୟ ଭୋଗ ଏବଂ ପରକାଳରେ ନକ୍ଷତ୍ରଲୋକ ପ୍ରାପ୍ତି ନିମନ୍ତେ ଚତୁର୍ଦ୍ଦଶ ବର୍ଷ କାଳ ଶ୍ରୀ ଶ୍ରୀ ଅନନ୍ତଦେବଙ୍କୁ ପୂଜା କରି ଏହି ବ୍ରତ ଧାରଣ କରିବା ବିଧି ରହିଛି । ଏହି ବ୍ରତର ସୂତା ଡୋରିକୁ ଗୋଟିଏ ସଂଗ୍ରହ କରି କିମ୍ବା ନଦୀରୁ ପାଇଲେ ଅନନ୍ତ ବ୍ରତ କରିବା ବିଧି ପ୍ରଚଳିତ । ୧୪ ବର୍ଷ ବ୍ରତ କଲେ ଯାଇ ଏହାର ଉଦ୍‌ଯାପନ କରାଯାଇଥାଏ । ଅନନ୍ତ, ବାସୁକି, ତକ୍ଷକ, କର୍କୋଟକ, କୁଳିକ, ଶଙ୍ଖପଦ୍ମ, ମହାପଦ୍ମ, ମହାନିଧି- ଏହି ଅଷ୍ଟକୁଳ ନାଗଙ୍କୁ ଗୁଆ ବସାଇ ପୂଜା କରାଯାଏ । ପୁରାତନ ଡୋର ବା ବ୍ରତକୁ କଞ୍ଚା କ୍ଷୀରରେ ପକାଇ ବ୍ରତକୁ ପୂଜା କରି ସ୍ତ୍ରୀଲୋକମାନେ ବାମ ହସ୍ତ ବାହୁ ମୂଳରେ ଏବଂ ପୁରୁଷ ଲୋକମାନେ ଦକ୍ଷିଣ ହସ୍ତ ବାହୁ ମୂଳରେ ଧାରଣ କରିଥାନ୍ତି । ଏହି ବ୍ରତକୁ ହିଁ ଦେବତା ଜ୍ଞାନ କରାଯାଏ ଏବଂ ବ୍ରତଧାରୀ ପ୍ରତିଦିନ ସକାଳେ ସ୍ନାନ ପରେ ବ୍ରତ ଧୁଆପାଣି ଆଚମନ ପରେ ଅନ୍ୟାନ୍ୟ କାମ କରନ୍ତି । ଅନନ୍ତ ବ୍ରତଧାରୀଙ୍କୁ ନିନ୍ଦା କରି କୌଣ୍ଡିନ୍ୟ ନାମକ ବ୍ରାହ୍ମଣ ଯୁବକ କିପରି ଶ୍ରୀହୀନ ହୋଇଗଲେ ଏବଂ ଅନୁତପ୍ତ କୌଣ୍ଡିନ୍ୟ ଶେଷରେ ଅନନ୍ତ ଦେବଙ୍କୁ ଦର୍ଶନ କରି କ୍ଷମାପ୍ରାର୍ଥନା କରିବା ସହ ପୂର୍ବ ସୌଭାଗ୍ୟ ଫେରି ପାଇଲେ ତାହା ବର୍ଣ୍ଣିତ ହୋଇଛି 'ଅନନ୍ତ ବ୍ରତ' କଥାରେ ।

## ଅନ୍ତରଙ୍ଗ ଭିଡିଓ ଲିକ୍ ପରେ ୪ ଦିନ ଘରୁ ବାହାରିନଥିଲେ ରାଧିକା

ଚଳଚ୍ଚିତ୍ର ଓ ୱେବ୍ ସିରିଜ୍‌ରେ ବୋଲ୍ଡ ତଥା ଅନ୍ତରଙ୍ଗ ଦୃଶ୍ୟକୁ ନେଇ ଅଭିନେତା-ଅଭିନେତ୍ରୀମାନେ ପ୍ରାୟତଃ ସମାଲୋଚନା ଓ ଟ୍ରୋଲିଂର ସମ୍ମୁଖୀନ ହୋଇଥାନ୍ତି । ଏଭଳି ଦୃଶ୍ୟ ପାଇଁ ଅନେକ କଳାକାରଙ୍କୁ ଦର୍ଶକଙ୍କ କଟୁ ପ୍ରତିକ୍ରିୟାର ଶିକାର ହେବାକୁ ପଡ଼ିଛି । ଅଭିନେତ୍ରୀ ରାଧିକା ଆପ୍ଟେଙ୍କ ଅନୁଭବ ମଧ୍ୟ ଏଥିରୁ ଭିନ୍ନ ନୁହେଁ । ତେବେ ତାଙ୍କ ପାଇଁ ସବୁଠାରୁ କଷ୍ଟଦାୟକ ଅନୁଭବ ଥିଲା ଏକ ଅନ୍ତରଙ୍ଗ ଦୃଶ୍ୟ ଅନୁମତି ବିନା ଲିକ୍ ହୋଇଯିବା । ରାଧିକା ଆପ୍ଟେ ନିକଟରେ ଏକ ସାକ୍ଷାତକାରରେ ନିଜ ଜୀବନର ସେହି ଅସୁବିଧାଜନକ ସମୟ ବିଷୟରେ କହିଥିଲେ । ସେ କହିଥିଲେ ଯେ ଏକ ଚଳଚ୍ଚିତ୍ରରେ ତାଙ୍କ ଅଭିନୟ କରିଥିବା ଅନ୍ତରଙ୍ଗ ଦୃଶ୍ୟ ଅନୁମତି ବିନା ଲିକ୍ ହେବା ପରେ ସେ ପ୍ରାୟ ଚାରି ଦିନ ଧରି ନିଜକୁ ଘର ଭିତରେ ସୀମିତ ରଖିଥିଲେ । ରାଧିକାଙ୍କ କହିବା ଅନୁଯାୟୀ, ଚଳଚ୍ଚିତ୍ରରେ ଏକ ଅନ୍ତରଙ୍ଗ ଦୃଶ୍ୟରେ ଅଭିନୟ କରିବା ଜଣେ କଳାକାରଙ୍କ ବୃତ୍ତିଗତ ନିଷ୍ପତ୍ତି ହୋଇପାରେ । କିନ୍ତୁ ସେହି ଦୃଶ୍ୟର ଫୁଟେଜ୍ ତାଙ୍କ ଅନୁମତି ବିନା ସର୍ବସାଧାରଣରେ ପ୍ରକାଶ ପାଇବା ଏକ ସମ୍ପୂର୍ଣ୍ଣ ଭିନ୍ନ ଅନୁଭବ ବୋଲି ସେ ସୂଚାଇଥିଲେ । ରାଧିକା କହିଥିଲେ ଯେ ଲିକ୍ ହୋଇଥିବା ଭିଡିଓ ତାଙ୍କ ୱାଚମ୍ୟାନ୍ ଏବଂ ତାଙ୍କ ଷ୍ଟାଇଲିଷ୍ଟଙ୍କ ଡ୍ରାଇଭରଙ୍କ ପାଖରେ ମଧ୍ୟ ପହଞ୍ଚିଥିଲା । ଏହା ତାଙ୍କ ପାଇଁ ଅତ୍ୟନ୍ତ ଅସ୍ୱସ୍ତିକର ଓ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିଲା । ସେ କହିଥିଲେ ଯେ ଏଭଳି ଘଟଣା ପରେ ମନରେ ସବୁବେଳେ ଏକ ଭୟ ରହିଥାଏ-କେହି ରାଗରେ ତାଙ୍କ ଘର ଦ୍ୱାରରେ ଆସି ଠିଆ ହୋଇପାରନ୍ତି । ଏହି କାରଣରୁ ସେ ଚାରି ଦିନ ଧରି ଘରୁ ବାହାରିବାକୁ ମଧ୍ୟ ସାହସ କରିନଥିଲେ । ରାଧିକା ଏହି ଘଟଣାର ଆଉ ଏକ ଅସୁବିଧାଜନକ ଦିଗ ବିଷୟରେ ମଧ୍ୟ କହିଥିଲେ । ତାଙ୍କ ଷ୍ଟାଇଲିଷ୍ଟ ତାଙ୍କୁ ଜଣାଇଥିଲେ ଯେ ଷ୍ଟାଇଲିଷ୍ଟଙ୍କ ଡ୍ରାଇଭର ସେହି ଭିଡିଓ କ୍ଲିପ୍ଟ ବାରମ୍ବାର ଦେଖୁଥିଲେ । ଏପରିକି ରାଧିକା ସେମାନଙ୍କ ଘରକୁ ଯାଉଛନ୍ତି କି ନାହିଁ ବୋଲି ମଧ୍ୟ ପଚାରୁଥିଲେ । ତାଙ୍କ ୱାଚମ୍ୟାନ୍ ମଧ୍ୟ ଭିଡିଓଟି ଦେଖିଥିବା କଥା ରାଧିକା କହିଥିଲେ । ଏହା ସମଗ୍ର ଘଟଣାକୁ ତାଙ୍କ ପାଇଁ ଆହୁରି ଅସ୍ୱସ୍ତିକର କରିଦେଇଥିଲା ।





***ଆମ ରୋଷେଇ ଘରେ ସୋରିଷ ନଥିଲେ ଲାଗେ ଯେମିତି ରୋଷେଇ ସମ୍ଭବ ନୁହେଁ । ଏହା କେବଳ ଖାଦ୍ୟର ସ୍ୱାଦ ବଢ଼ାଏ ନାହିଁ, ତା' ସହ ଏହାର ଅନେକ ଔଷଧୀୟ ଗୁଣ ବି ରହିଛି । ଆଧୁନିକ ବିଜ୍ଞାନ ମଧ୍ୟ ସୋରିଷର ସ୍ୱାସ୍ଥ୍ୟଗତ ଉପକାରିତାକୁ ଗ୍ରହଣ କରିଛି । ସୋରିଷ ଗଛର ପତ୍ର ଓ ମଞ୍ଜି ଉଭୟ ଖାଦ୍ୟୋପଯୋଗୀ । ଏଥିରେ କ୍ୟାଲିସିୟମ୍, କପର, ଭିଟାମିନ୍-ଏ, ସି ଓ କେ ପ୍ରଚୁର ମାତ୍ରାରେ ଥାଏ । ଏଥିରେ ଗ୍ଲୁକୋସିନୋଲେଟ୍ ଓ ଫ୍ଲାଭୋନଏଡ୍ ପରି ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଶରୀରକୁ ବିଭିନ୍ନ ରୋଗରୁ ରକ୍ଷା କରିଥାଏ...***

ଗବେଷଣାରୁ ଜଣାପଡ଼ିଛି ଯେ, ସୋରିଷ ପତ୍ରର ବ୍ୟବହାର ଟାଇପ୍-୨ ମଧୁମେହ ରୋଗୀଙ୍କ ପାଇଁ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ସୋରିଷ ମଞ୍ଜିରେ ଥିବା ଆଣ୍ଟିଅକ୍ସିଡାଣ୍ଟ୍ ?ଗୁଡ଼ିକ ଶରୀରକୁ ବିଭିନ୍ନ ଜୀବାଣୁ ଓ କବକ ସଂକ୍ରମଣରୁ ରକ୍ଷା କରିବାରେ ସାହାଯ୍ୟ କରେ । ସାଧାରଣ ପରିମାଣରେ ସୋରିଷ ଖାଇବା ସମ୍ପୂର୍ଣ୍ଣ ସୁରକ୍ଷିତ । କିନ୍ତୁ ଅଧିକ ମାତ୍ରାରେ ଖାଇଲେ ପେଟରେ ଯନ୍ତ୍ରଣା କିମ୍ବା ଡାଇରିଆ ଭଳି ସମସ୍ୟା ହୋଇପାରେ । କଞ୍ଚା ସୋରିଷ ମଞ୍ଜି ଓ ପତ୍ରରେ 'ଗୋଇଟ୍ରୋଜେନ୍' ନାମକ ତତ୍ତ୍ୱ ଥାଏ, ଯାହା ଥାଇରଏଡ୍ ସମସ୍ୟା ଥିବା ଲୋକଙ୍କ ପାଇଁ କ୍ଷତିକାରକ ହୋଇପାରେ । ତେଣୁ ଥାଇରଏଡ୍ ରୋଗୀମାନେ ଏହାକୁ ସିଝାଇ କିମ୍ବା ଅଳ୍ପ ପରିମାଣରେ ଖାଇବା ଉଚିତ ।

## ପର ଘର ଭାଙ୍ଗୁଥିବା ମହିଳାଙ୍କୁ କଶ୍ମୀରାଙ୍କ କଟାକ୍ଷ



ବଲିଉଡର ଚର୍ଚ୍ଚିତ ଅଭିନେତା ଗୋବିନ୍ଦା, ତାଙ୍କ ପତ୍ନୀ ସୁନୀତା ଆହୁଜା ଏବଂ ଅଭିନେତ୍ରୀ କୋମଲ ରାନୀଙ୍କୁ ନେଇ ଚାଲିଥିବା ବିବାଦ ମଧ୍ୟରେ ଏବେ ଗୋବିନ୍ଦାଙ୍କ ଭଣଜା-ବୋହୂ ତଥା ଅଭିନେତ୍ରୀ କଶ୍ମୀରା ଶାହଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି । କଶ୍ମୀରା କାହାରି ନାମ ନ ନେଇ ସୋସିଆଲ ମିଡିଆରେ ଏପରି ଏକ ବାର୍ତ୍ତା ସେୟାର କରିଛନ୍ତି, ଯାହାକୁ ସମସ୍ତେ ଗୋବିନ୍ଦାଙ୍କ ପାରିବାରିକ ବିବାଦ ସହ ଯୋଡ଼ି ଦେଖୁଛନ୍ତି । କଶ୍ମୀରା ଶାହ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ବାଲକୋନିରେ କଫି ପିଉଥିବାର ଏକ ଫଟୋ ସେୟାର କରିବା ସହ ଏକ ଦୀର୍ଘ ଓ କଡ଼ା ମେସେଜ ଲେଖିଛନ୍ତି । ସେ ଲେଖିଛନ୍ତି ଯେ, "ଜଣେ 'ମିଷ୍ଟ୍ରି ଓ୍ୱମ୍ୟାନ୍' (ରହସ୍ୟମୟୀ ମହିଳା)କୁ ନେଇ ଲୋକମାନେ ଏତେ ଚର୍ଚ୍ଚା କରୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟ । ଯେଉଁ ମହିଳାମାନଙ୍କ ଉପରେ ଅନ୍ୟର ସଂସାର ବା ଘର ଭାଙ୍ଗିବାର ଅଭିଯୋଗ ଉଠୁଛି, ଲୋକମାନେ ସେପରି ମହିଳାଙ୍କୁ ଆଦୌ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ ।" ଏହା ସହ ବିବାହିତ ହୋଇ ମଧ୍ୟ ନିଜ ପତ୍ନୀଙ୍କୁ ଛାଡ଼ି କମ୍ ବୟସର ଝିଅଙ୍କ ସହ ସମ୍ପର୍କ ରଖୁଥିବା ପୁରୁଷମାନଙ୍କୁ ସମାଜରେ ପସନ୍ଦ କରାଯିବା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି । ବିବାହିତର ସମ୍ପର୍କ ଓ ଗ୍ଲାମରାଇଜ୍ କରାଯାଉଥିବା ଏପରି ବିବାଦକୁ ପ୍ରଶ୍ରୟ ନ ଦେଇ ଲୋକମାନେ ସଠିକ୍ ଓ ବୁଦ୍ଧିମତ୍ତାର ଚିନ୍ତାଧାରା ରଖିବାକୁ ସେ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ, ନିକଟରେ ସୁପରଷ୍ଟାର ଗୋବିନ୍ଦାଙ୍କୁ ମୁମ୍ବାଇର ପ୍ରସିଦ୍ଧ 'ଲାଲବାଗଚା ରାଜା'ଙ୍କ ଦର୍ଶନ ସମୟରେ ଅଭିନେତ୍ରୀ କୋମଲ ରାନୀଙ୍କ ସହ ଦେଖିବାକୁ ମିଳିଥିଲା । ଦୁହିଁଙ୍କୁ ଏକାଠି ଦେଖିବା ପରେ ସୋସିଆଲ ମିଡିଆରେ ଗୋବିନ୍ଦାଙ୍କ ବ୍ୟକ୍ତିଗତ ଜୀବନ ଓ ସମ୍ପର୍କକୁ ନେଇ ପୁଣିଥରେ ଚର୍ଚ୍ଚା ତେଜିଥିଲା । ଉଲ୍ଲେଖଯୋଗ୍ୟ, କଶ୍ମୀରା ଶାହ ହେଉଛନ୍ତି ଗୋବିନ୍ଦାଙ୍କ ଭାଣଜା କୃଷ୍ଣା ଅଭିଷେକଙ୍କ ପତ୍ନୀ । ପୂର୍ବରୁ ମଧ୍ୟ ଗୋବିନ୍ଦା ଏବଂ କୃଷ୍ଣାଙ୍କ ପରିବାର ମଧ୍ୟରେ ତିକ୍ତତାକୁ ନେଇ ବହୁଥର ଚର୍ଚ୍ଚା ହୋଇସାରିଛି । ଯଦିଓ କଶ୍ମୀରା ନିଜ ପୋଷ୍ଟରେ ଗୋବିନ୍ଦା କିମ୍ବା କୋମଲଙ୍କ ନାମ ସ୍ପଷ୍ଟ ଭାବେ ଲେଖିନାହାନ୍ତି, ତଥାପି ତାଙ୍କର ଏହି କଟାକ୍ଷ ଗୋବିନ୍ଦାଙ୍କ ବିବାଦକୁ ଲକ୍ଷ୍ୟ କରି କୁହାଯାଇଥିବା ସ୍ପଷ୍ଟ ଜଣାପଡୁଛି ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶନିବାର ୨୬ ସେପ୍ଟେମ୍ବର ୨୦୨୬**

# ଓଡିଶାର କଳା

ଭାରତବର୍ଷର ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ହସ୍ତଶିଳ୍ପ ମଧ୍ୟରେ ବା ତନ୍ତବୁଣା ଶିଳ୍ପ ଏକ ଅନନ୍ୟ ସ୍ଥାନ ଅଧିକାର କରି ରହିଛି, ଯାହାକି କେବଳ ପୋଷାକ ପରିଧାନର ଏକ ମାଧ୍ୟମ ନୁହେଁ, ବରଂ ଏହା ଦେଶର କୋଟି କୋଟି କାରିଗର, ତନ୍ତୀ ଏବଂ ବୁଣାକାରମାନଙ୍କର ଜୀବିକା, ସୃଜନଶୀଳତା ଏବଂ ଆତ୍ମସମ୍ମାନର ପ୍ରତୀକ ଅଟେ । ୧୯୦୫ ମସିହାରେ କଲିକତା ସହରର ଟାଉନ୍ ହଲରେ ବ୍ରିଟିଶ ଶାସନ ବିରୋଧରେ ଏବଂ ଦେଶୀୟ ଶିଳ୍ପ ଓ ବସ୍ତୁକୁ ପ୍ରୋତ୍ସାହିତ କରିବା ପାଇଁ 'ସ୍ୱଦେଶୀ ଆନ୍ଦୋଳନ'ର ବିଧିବଦ୍ଧ ଶୁଭାରମ୍ଭ ହୋଇଥିଲା । ସେହି ଐତିହାସିକ ଦିନଟିର ସ୍ମୃତିକୁ ସବୁବେଳେ ଜୀବନ୍ତ ରଖିବା ପାଇଁ ଏବଂ ଦେଶର ତନ୍ତବୁଣା ସମ୍ପଦକୁ ବିଶ୍ୱସ୍ତରରେ ଆସନ ପ୍ରଦାନ କରିବା ନିମନ୍ତେ ଭାରତ ସରକାର ୨୦୧୫ ମସିହାରୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ଘୋଷଣା କରିଥିଲେ । ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ସାଧାରଣ ଜନତାଙ୍କୁ ହସ୍ତତନ୍ତର ମହତ୍ୱ ସମ୍ପର୍କରେ ଅବଗତ କରାଇବା, ଗ୍ରାମାଞ୍ଚଳର ବୁଣାକାରମାନଙ୍କୁ ଆର୍ଥିକ ଏବଂ ସାମାଜିକ ଭାବେ ସଶକ୍ତ କରିବା ଏବଂ ଆମର ପ୍ରାଚୀନ ହସ୍ତକଳାକୁ ସୁରକ୍ଷା ଯୋଗାଇବା । ବିଶେଷ କରି ଓଡିଶା ପରି ଏକ କଳା ଓ ସଂସ୍କୃତି ସମ୍ପନ୍ନ ରାଜ୍ୟ ପାଇଁ ଏହି ଦିବସର ମହତ୍ୱ ଅତ୍ୟନ୍ତ ଗଭୀର ଓ ବ୍ୟାପକ ଅଟେ, କାରଣ ଓଡିଶାର ତନ୍ତବୁଣା କଳା କେବଳ ଦେଶ ଭିତରେ ନୁହେଁ, ବରଂ ଆନ୍ତର୍ଜାତୀୟ ବଜାରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଓଡିଶାର ପାରମ୍ପରିକ ହସ୍ତତନ୍ତ ଶିଳ୍ପ ଯେପରିକି ସମ୍ବଲପୁରୀ ବାନ୍ଧ, ବାମଡା, ଖଣ୍ଡୁଆ ପାଟ, ବ୍ରହ୍ମପୁରୀ ପାଟ, କୋଟପାଡ ଶାଢୀ ଏବଂ ନୂଆପାଟଣା କଟକୀ ଲୁଗା ଆଜି ମଧ୍ୟ ବିଶ୍ୱର ଚାହିଦାକୁ ନିଜର ନିଖୁଣ କାରୁକାର୍ଯ୍ୟ ଏବଂ ପ୍ରାକୃତିକ ରଙ୍ଗର ବ୍ୟବହାର ଦ୍ୱାରା ପ୍ରଭାବିତ କରିଆସୁଛି । ଏହି ସମସ୍ତ ବସ୍ତୁଗୁଡିକ ନିର୍ମାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ ପରିବେଶ ଅନୁକୂଳ ଅଟେ, ଯେଉଁଥିରେ ଅଧିକ ବିଦ୍ୟୁତ୍ ଶକ୍ତି କିମ୍ବା ଯନ୍ତ୍ରପାତିର ଆବଶ୍ୟକତା ପଡେ ନାହିଁ ଏବଂ ପ୍ରକୃତିର କୋଳରେ ରହି ବୁଣାକାରମାନେ ସେମାନଙ୍କର ହାତର ଯାଦୁ ଦ୍ୱାରା ସୂତାକୁ ଅଦ୍ଭୁତ କଳାକୃତିରେ ପରିଣତ କରନ୍ତି । ବର୍ତ୍ତମାନର ସମୟରେ ଯେତେବେଳେ ସମଗ୍ର ବିଶ୍ୱ ଦ୍ରୁତଗତିରେ ପରିବର୍ତ୍ତିତ ଫ୍ୟାଶନ ଏବଂ ମେସିନ୍ ଦ୍ୱାରା ପ୍ରସ୍ତୁତ କୃତ୍ରିମ ପୋଷାକ ଆଡକୁ ଆକର୍ଷିତ ହେଉଛି, ସେତେବେଳେ ହସ୍ତତନ୍ତ ଶିଳ୍ପ କିଛି ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହେଉଛି । ଆଜିର ବଜାରରେ ଶସ୍ତା ପାୱାରଲୁମ୍ (ପାୱାର ଲୁମ୍ ବା ଯନ୍ତ୍ରପାତି ତନ୍ତ) ସାମଗ୍ରୀଗୁଡିକ ପ୍ରତିଯୋଗିତାରେ ଆସି ହସ୍ତତନ୍ତର ପ୍ରକୃତ ମୂଲ୍ୟକୁ କମାଇ ଦେଉଛନ୍ତି, ଯାହାଫଳରେ ଅନେକ ଗରିବ ବୁଣାକାର ସଠିକ୍ ପାରିଶ୍ରମିକ ନପାଇ ଏହି ପାରମ୍ପରିକ ବୃତିରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଉଛନ୍ତି । ସୂତା, ରଙ୍ଗ ଏବଂ ଅନ୍ୟାନ୍ୟ କଂଚାମାଲର ଦରବୃଦ୍ଧି ବୁଣାକାରମାନଙ୍କ ପାଇଁ ଏକ ବଡ ଆର୍ଥିକ ବୋଝ ପାଲଟିଛି ଏବଂ ନୂତନ ପିଢିର ଲୋକମାନେ ଉଚ୍ଚ ରୋଜଗାର ଏବଂ ସହଜ ଜୀବନଶୈଳୀରେ ଆଶାରେ ଏହି ପାରମ୍ପରିକ କଳାରୁ ଦୂରେଇ ଯାଉଛନ୍ତି । ତଥାପି, ଏହି ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ହସ୍ତତନ୍ତର ଭବିଷ୍ୟତ ଅତି ଉଜ୍ଜ୍ୱଳ ଏବଂ ପ୍ରତିଶ୍ରୁତିବଦ୍ଧ ରହିଛି, ଯଦି ସମୟୋଚିତ ପଦକ୍ଷେପ ଏବଂ ସଚେତନତା ଗ୍ରହଣ କରାଯାଏ । ଭାରତ ସରକାର ଏବଂ ଓଡିଶା ସରକାରଙ୍କ ଦ୍ୱାରା ବୁଣାକାରମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ଯେପରିକି 'ଜାତୀୟ ହସ୍ତତନ୍ତ ବିକାଶ କାର୍ଯ୍ୟକ୍ରମ', 'ମୁଦ୍ରା ସୂତା ଯୋଗାଣ ଯୋଜନା' ଏବଂ 'ବୁଣାକାର କ୍ରେଡିଟ୍ କାର୍ଡ' ଆଦି କାର୍ଯ୍ୟକାରୀ କରାଯାଉଛି, ଯାହାଦ୍ୱାରା ସେମାନଙ୍କୁ ସୁଲଭ ମୂଲ୍ୟରେ ସୂତା ଏବଂ ଆର୍ଥିକ ସହାୟତା ମିଳିପାରୁଛି । ବର୍ତ୍ତମାନର ଡିଜିଟାଲ୍ ଯୁଗରେ ଇ-କମର୍ସ ପ୍ଲାଟଫର୍ମ ଏବଂ ସୋସିଆଲ ମିଡିଆର ବ୍ୟାପକ ପ୍ରଚାର ଯୋଗୁଁ ଓଡିଶାର ତନ୍ତବୁଣା ଶାଢୀ ଓ ପୋଷାକଗୁଡିକ ବିଶ୍ୱର ଯେକୌଣସି କୋଣରୁ ଅତି ସହଜରେ କ୍ରୟ କରାଯାଇପାରୁଛି, ଯାହା ବୁଣାକାରମାନଙ୍କୁ ସିଧାସଳଖ ବଜାର ସହ ଯୋଡିବାରେ ସାହାଯ୍ୟ କରୁଛି । ଯୁବ ପିଢିର ଫ୍ୟାଶନ୍ ଡିଜାଇନରମାନେ ପାରମ୍ପରିକ ଓଡିଆ ବାନ୍ଧ କଳାକୁ ଆଧୁନିକ ପୋଷାକ ଶୈଳୀ ସହିତ ମିଶ୍ରଣ କରି ଏକ ନୂତନ ଧାରା ସୃଷ୍ଟି କରୁଛନ୍ତି, ଯାହାଫଳରେ ଆଜିର ଯୁବବର୍ଗ ମଧ୍ୟ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଗର୍ବ ଅନୁଭବ କରୁଛନ୍ତି । ମହିଳା ସଶକ୍ତିକରଣ ଦୃଷ୍ଟିରୁ ମଧ୍ୟ ହସ୍ତତନ୍ତ କ୍ଷେତ୍ରର ଅବଦାନ ଅତୁଳନୀୟ, କାରଣ ଏହି ଶିଳ୍ପରେ ଶତକଡା ପ୍ରାୟ ସତୁରୀ ଭାଗରୁ ଅଧିକ କର୍ମଚାରୀ ଓ କାରିଗର ମହିଳା ଅଟନ୍ତି, ଯାହା ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଆମକୁ ମନେ ରଖିବାକୁ ପଡିବ ଯେ ହସ୍ତତନ୍ତ କେବଳ କେତୋଟି ସୂତାର ସମାହାର ନୁହେଁ, ବରଂ ଏହା ଆମର ସଂସ୍କୃତି, ଇତିହାସ ଏବଂ ପରମ୍ପରାର ଏକ ଜୀବନ୍ତ ଦସ୍ତାବେଜ୍ ଅଟେ । ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି 'ଭୋକାଲ ଫର ଲୋକାଲ୍' ମନ୍ତ୍ରକୁ ଆପଣାଇ ସ୍ୱଦେଶୀ ହସ୍ତତନ୍ତ ସାମଗ୍ରୀ କ୍ରୟ କରିବା ଏବଂ ଆମର ସେହି କଷ୍ଟସହିଷ୍ଣୁ ବୁଣାକାର ଭାଇଭଉଣୀମାନଙ୍କୁ ପ୍ରୋତ୍ସାହିତ କରିବା, ଯାହାଦ୍ୱାରା ସେମାନଙ୍କର ହାତର ଯାଦୁ ଓ କଳା ଅକ୍ଷୁର୍ଣ୍ଣ ରହିପାରିବ ଏବଂ ଆଗାମୀ ପିଢି ପାଇଁ ଏହି ଗୌରବମୟ ଧାରା ସୁରକ୍ଷିତ ହୋଇ ରହିପାରିବ । ଓଡିଶାର ହସ୍ତତନ୍ତ ପରମ୍ପରାର ଅଭିବୃଦ୍ଧି ପାଇଁ ସରକାରୀ ପ୍ରୋତ୍ସାହନ ସାଙ୍ଗକୁ ସାଧାରଣ ଜନତାଙ୍କ ସଚେତନତା ନିହାତି ଜରୁରୀ, କାରଣ ଏହା କେବଳ ଏକ ବ୍ୟବସାୟ ନୁହେଁ ବରଂ ଆମ ମାଟିର ସୁଗନ୍ଧ ଏବଂ ସଂସ୍କୃତିର ପ୍ରତିଫଳନ ଅଟେ । ଆଜିର ଦିନରେ ବିଦେଶୀ ବ୍ରାଣ୍ଡର ଅନୁକରଣ କରିବା ବଦଳରେ ନିଜ ରାଜ୍ୟର ସମ୍ବଲପୁରୀ, ବ୍ରହ୍ମପୁରୀ କିମ୍ବା ଖଣ୍ଡୁଆ ପାଟକୁ ଦୈନନ୍ଦିନ ପୋଷାକରେ ସ୍ଥାନ ଦେଲେ ବୁଣାକାରଙ୍କ ପରିବାର ମୁହଁରେ ହସ ଫୁଟିପାରିବ । ବିଶ୍ୱସ୍ତରୀୟ ଫ୍ୟାଶନ୍ ଜଗତରେ ଓଡିଆ ତନ୍ତର ଚାହିଦା ବୃଦ୍ଧି ପାଇଁ ଅଧିକରୁ ଅଧିକ ପ୍ରଦର୍ଶନୀ, ଫ୍ୟାଶନ୍ ଶୋ ଏବଂ ଅନ୍ତର୍ଜାତୀୟ ବଜାର ସଂଯୋଗର ଆବଶ୍ୟକତା ରହିଛି । ଯଦି ଆମେ ସମସ୍ତେ ମିଶି ସ୍ୱଦେଶୀ ହସ୍ତତନ୍ତ ବ୍ୟବହାର କରିବାର ପ୍ରତିଜ୍ଞା ନେବା, ତେବେ ଏହି ପାରମ୍ପରିକ ଶିଳ୍ପ ଆହୁରି ଅଧିକ ଗୌରବ ଅର୍ଜନ କରିବ । ଜାତୀୟ ହସ୍ତତନ୍ତ ଦିବସ କେବଳ ଏକ କ୍ୟାଲେଣ୍ଡରର ପର୍ବ ନୁହେଁ, ବରଂ ଏହା ଆମର ସାଂସ୍କୃତିକ ଗୌରବ, ଆତ୍ମନିର୍ଭରଶୀଳତା ଏବଂ ପ୍ରାଚୀନ ଐତିହ୍ୟ ପ୍ରତି ଆମର ଗଭୀର ନିଷ୍ଠା ଓ ପ୍ରତିବଦ୍ଧତାର ଏକ ମହାନ ପ୍ରତୀକ ଅଟେ, ଯାହା ଅତୀତର ସୁବର୍ଣ୍ଣ ଇତିହାସକୁ ବର୍ତ୍ତମାନର ବାସ୍ତବତା ସହ ଏବଂ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନା ସହ ସୂତା ପରି ସୂକ୍ଷ୍ମ ଭାବରେ ବାନ୍ଧି ରଖିଥାଏ । ଓଡିଶାର ପବିତ୍ର ମାଟିରେ ଜନ୍ମ ନେଇଥିବା ସମ୍ବଲପୁରୀ, ବାମଡା, ଖଣ୍ଡୁଆ, ବ୍ରହ୍ମପୁରୀ ପାଟ ଏବଂ କୋଟପାଡ ଭଳି ଅମୂଲ୍ୟ ହସ୍ତତନ୍ତ କଳାକୃତିଗୁଡିକ କେବଳ କିଛି ସୂତାର କାରୁକାର୍ଯ୍ୟ ନୁହେଁ, ବରଂ ଏହା ହେଉଛି ଆମର ରାଜ୍ୟର ଅଗଣିତ ମୂକ ଓ ପରିଶ୍ରମୀ ବୁଣାକାରମାନଙ୍କର ଲୁହ, ଝାଳ, ସ୍ୱପ୍ନ ଏବଂ ସୃଜନଶୀଳତାର ଏକ ଜୀବନ୍ତ ଦସ୍ତାବେଜ୍, ଯେଉଁମାନେ ନିଜର ଆଙ୍ଗୁଠିର ଜାଦୁ ବଳରେ ତନ୍ତଶାଳାରେ ଇତିହାସ ରଚି ଚାଲିଛନ୍ତି ।

# ମିଛର ସାମାଜିକ ଜୀବନ

## ଅବଶ ପରିଡ଼ା

ମିଛକୁ ଚିହ୍ନଟ କରିବା ହେଉଛି ମାନବ ଜାତି ପାଇଁ ଏକ ବଡ଼ ଆହ୍ୱାନ । ସେଥିପାଇଁ ତ ମିଛ ଧରିବା ପାଇଁ ମଧ୍ୟଯୁଗୀୟ ନିର୍ଯାତନା ଉପକରଣରୁ ଆରମ୍ଭ କରି ପଲିଗ୍ରାଫ, ସ୍ୱର ଚାପ ବିଶ୍ଳେଷକ, ଆଖି ଟ୍ରାକର ଓ ଆଧୁନିକ ଇଲେକ୍ଟ୍ରୋଏନସେଫାଲୋଗ୍ରାମ ପର୍ଯ୍ୟନ୍ତ ଯନ୍ତ୍ର ସୃଷ୍ଟି ହୋଇଛି । ତେବେ ଏଇ କିଛି ବର୍ଷ ହେଲା ସମାଜଶାସ୍ତ୍ରରେ ମିଛୁଆଙ୍କୁ ନୁହେଁ, ମିଛର ସାମାଜିକ ପରିସଂସ୍ଥାକୁ ଅଧ୍ୟୟନ କରାଯାଉଛି । ସାମାଜିକ ସ୍ତରରେ ମିଛ କିପରି କାର୍ଯ୍ୟ କରେ ତାହା ବୁଝିବା ପାଇଁ ହେଲେ ଆମକୁ ପ୍ରଥମେ ଦୈନନ୍ଦିନ ଜୀବନର ସୂକ୍ଷ୍ମ ପାରସ୍ପରିକ ବ୍ୟବହାରକୁ ଦେଖିବା ଉଚିତ । ସମାଜବିଜ୍ଞାନୀ ଏରଭିଂ ଗଫମ୍ୟାନଙ୍କ ନାଟକୀୟ ଢାଚାଂ ତତ୍ତ୍ୱରେ ସାମାଜିକ ଜୀବନକୁ ଏକ ଥିଏଟର ସହିତ ତୁଳନା କରାଯାଇଛି । ଦୈନନ୍ଦିନ ଜୀବନରେ ଅନ୍ୟମାନେ ଆମକୁ କିପରି ଦେଖନ୍ତି, କିପରି ମୂଲ୍ୟାଙ୍କନ କରନ୍ତି, ତାହା ନିୟନ୍ତ୍ରଣ କରିବାକୁ ଆମେ ସବୁବେଳେ ଚେଷ୍ଟା କରୁ । ଏହି ପରସ୍ଥିତିରେ ହିଁ ସର୍ବାଧିକ ମିଛ କୁହାଯାଏ । ଏହାକୁ 'ପ୍ରଭାବ ପରିଚାଳନା' (ଇମ୍ପ୍ରେସନ ମ୍ୟାନେଜମେଂଟ) କୁହାଯାଏ । ମିଛ ସମ୍ବନ୍ଧିତ ଅନ୍ୟ ଏକ ଗବେଷଣା ଦର୍ଶାଏ ଯେ ପ୍ରତାରଣା ହେଉଛି ଦୈନନ୍ଦିନ ଜୀବନର ଏକ ସାଧାରଣ ଅଂଶ । ଏକ ଡାଏରି ଅଧ୍ୟୟନରୁ ଜଣାପଡ଼ିଛି ଯେ ଦୈନନ୍ଦିନ ସାମାଜିକ ଯୋଗାଯୋଗରେ ପ୍ରାୟ ୨୦ରୁ ୩୦ ପ୍ରତିଶତ ମିଛ କୁହାଯାଏ ଏବଂ କିଛି କ୍ଷେତ୍ରରେ ଲୋକମାନେ ଦିନକୁ ପ୍ରାୟ ଗୋଟିଏ କିମ୍ବା ଦୁଇଟି ମିଛ ନିଶ୍ଚିତ କୁହନ୍ତି । ସାମାଜିକ ଜୀବନରେ ଦୁଇ ପ୍ରକାରର ମିଛ ଅଛି ଯଥା ସମାଜ-ସମର୍ଥକ ମିଛ ଓ କ୍ଷତିକାରକ ମିଛ । ସମାଜ-ସମର୍ଥକ ମିଛକୁ ପ୍ରାୟତଃ 'ଧଳା ମିଛ' ଓ କେତେକ ସ୍ଥାନରେ 'ନୀଳ ମିଛ' କୁହାଯାଏ । ଧଳା ମିଛ ଜନସାଧାରଣଙ୍କ ଭାବନାକୁ ସୁରକ୍ଷା ଦେଉଥିବାବେଳେ, ନୀଳ ମିଛ ଅତ୍ୟନ୍ତ ଧ୍ରୁବୀକୃତ ରାଜନୈତିକ କିମ୍ବା ସାଂସ୍କୃତିକ ପରିବେଶରେ ଏକତାର ସଙ୍କେତ ଭାବରେ କାର୍ଯ୍ୟ କରେ । ସମାଜ-ସମର୍ଥକ ମିଛ ଏକ ପ୍ରକାରର ସାମାଜିକ ବନ୍ଧନ ପରି କାମ କରେ । କ୍ଷତିକାରକ ମିଥ୍ୟା କିନ୍ତୁ ସମାଜ-ସମର୍ଥକ ମିଛ ଠାରୁ ଭିନ୍ନ । କାରଣ ଏହା ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହୃତ ହୁଏ । ଜଣେ ବ୍ୟକ୍ତି ଅର୍ଥ, ପ୍ରତିଷ୍ଠା, କ୍ଷମତା ପାଇବା ପାଇଁ କିମ୍ବା ନିଜ ଦାୟିତ୍ୱରୁ ଖସିଯିବା ପାଇଁ ଏହିଭଳି ମିଥ୍ୟା କହିପାରେ । ଏପରି ମିଥ୍ୟା ବିଶ୍ୱାସକୁ ଅତ୍ୟନ୍ତ କ୍ଷତିଗ୍ରସ୍ତ କରିବା ସହିତ ସନ୍ଦେହକୁ ଘନୀଭୂତ କରିଥାଏ । ଏକ ଲକ୍ଷରୁ ଅଧିକ ମିଛର ଏକ ନବେଦିନିଆ ଅଧ୍ୟୟନରେ ଜଣାପଡ଼ିଥିଲା ଯେ ରେକର୍ଡ ହୋଇଥିବା ସମୁଦାୟ ଯୋଗାଯୋଗର ପ୍ରାୟ ୭% ଥିଲା ମିଛ ଏବଂ ସେହି ସମସ୍ତ ମିଛର ପ୍ରାୟ ୯୦% ଥିଲା 'ଧଳା ମିଛ' ଅର୍ଥାତ୍ କ୍ଷତିରହିତ ମିଛ । ସେହିପରି ଏହି ଗବେଷଣା କୁହେ ଯେ ଅଧିକାଂଶ ଲୋକ କ୍ୱଚିତ୍ ମିଛ କହନ୍ତି ଏବଂ କେବଳ ଅଳ୍ପ ସଂଖ୍ୟକ ହେଉଛନ୍ତି 'ପ୍ରଚୁର ମିଥ୍ୟାବାଦୀ' ବା ଡାହା ମିଛୁଆ । ଏହି ଡାହା ମିଛୁଆମାନେ ହିଁ ପ୍ରତାରଣା ପାଇଁ ଦାୟୀ । କ୍ଷତିକାରକ ମିଥ୍ୟାକୁ ନିୟନ୍ତ୍ରଣ କରିବାର ସାମାଜିକ ଉପାୟ ଅଛି । ବାରମ୍ବାର କ୍ଷତିକାରକ ମିଥ୍ୟା କହୁଥିବା ଅଭ୍ୟାସଗତ ମିଛୁଆ ନିଜ ସମ୍ମାନ, ସାମାଜିକ ସ୍ଥିତି, ବନ୍ଧୁତା କିମ୍ବା ଗୋଷ୍ଠୀର ସଦସ୍ୟତା ହରାଇବାର ସମ୍ଭାବନା ଅଧିକ । ମିଛ କହିବାକୁ ହେଲେ କାହାଣୀର ଏକ ଜାଲ ବଜାୟ ରଖିବା ଜରୁରି, ତେଣୁ ମିଛ କହୁଥିବା ବ୍ୟକ୍ତିର ମାନସିକ ଚାପ ଓ ଜ୍ଞାନାତ୍ମକ ଭାର ବୃଦ୍ଧି ହୁଏ । ଅନେକ କ୍ଷେତ୍ରରେ ଏକଲାପଣ ବଢ଼ିବା ସହିତ ସ୍ୱାଭାବିକ ପ୍ରାୟଶ୍ଚିତ ଭାବନା ମନ୍ଥର ହୋଇଯାଏ । ମିଛ କହିବା ଆଚରଣ ପାଇଁ ବ୍ୟକ୍ତିର ସାମାଜିକୀକରଣ ବ୍ୟତୀତ ଚାରିପାଖରେ ଥିବା ସାମାଜିକ ନିୟମାବଳୀର ସମର୍ଥନ, ଅନୁଷ୍ଠାନର ପ୍ରୋତ୍ସାହନ ଓ ସାଂଗଠନିକ ସଂସ୍କୃତିର ଅନୁମୋଦନ ମଧ୍ୟ ଦାୟୀ । ଉଦାହରଣ ସ୍ୱରୂପ ସିଙ୍ଗାପୁରରେ କରାଯାଇଥିବା ଏକ ଅଧ୍ୟୟନରେ ପ୍ରକାଶିତ ହୋଇଛି ଯେ ଯେଉଁଠି ପିତାମାତା ନିଜ ପିଲାମାନଙ୍କୁ ମିଛ କୁହନ୍ତି ସେହି କ୍ଷେତ୍ରରେ ପିଲାମାନେ ମଧ୍ୟ ପିତାମାତାଙ୍କୁ ଅଧିକ ମିଛ କୁହନ୍ତି । ପିଲାମାନେ କ୍ଷତି ପହଚାଂଉଥିବା ମିଛ ଓ ସୁରକ୍ଷା ଦେଉଥିବା ମିଛ ମଧ୍ୟରେ ପାର୍ଥକ୍ୟ ମଧ୍ୟ ପରିବାର ଠାରୁ ଶିଖନ୍ତି । ମିଛୁଆଙ୍କୁ ଚିହ୍ନଟ କରିବା ପାଇଁ ସମାଜ କିଛି ସାଧାରଣ ବିଶ୍ୱାସ ବିକଶିତ କରିଛି । ୭୫ଟି ଦେଶ ଓ ୪୩ଟି ଭାଷାର ଲୋକଙ୍କୁ ଅଧ୍ୟୟନ କରିଥିବା 'ଗ୍ଲୋବାଲ ଡିସେପ୍ସନ ରିସର୍ଚ୍ଚ ଟିମ'ର ଅନୁସନ୍ଧାନ ଅନୁଯାୟୀ ଲୋକଙ୍କ ସାଧାରଣ ବିଶ୍ୱାସ ହେଉଛି ଯେ ମିଛ କହୁଥିବା ବ୍ୟକ୍ତି ଆଖିକୁ ଆଖି ମିଶାଇ କଥା ହୋଇପାରନ୍ତି ନାହିଁ । କିନ୍ତୁ ମନସ୍ତାତ୍ତ୍ୱିକ ଓ ଫରେନ୍ସିକ ଗବେଷଣା ଦର୍ଶାଇଛି ଯେ ଆଖି ନ ମିଶାଇବା ମିଛୁଆଙ୍କୁ ଚିହ୍ନଟ କରିବାର ଏକ ନିର୍ଭରଯୋଗ୍ୟ ଉପାୟ ନୁହେଁ । ଏହା ସତ୍ତ୍ୱେ ଏ ଧାରଣା ବଳବତର ରହିଛି । ଜେ. ଏ. ବାର୍ନସଙ୍କ 'ଏ ପ୍ୟାକ ଅଫ ଲାଇଜ : ଟୁୱାର୍ଡସ ଏ ସୋସିଓଲୋଜି ଅଫ ଲାଇଂ' ପୁସ୍ତକ ଅନୁଯାୟୀ ପ୍ରତାରଣାର ଆକାର ଓ ଗୁଣବତା ସାମାଜିକ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଉଦାହରଣ ସ୍ୱରୂପ, ରାଜନୀତି, ବିଜ୍ଞାପନ, ବ୍ୟାବସାୟିକ ଆଲୋଚନା ଓ କୂଟନୀତିରେ ଏକ ନିର୍ଦ୍ଦିଷ୍ଟ ପରିମାଣର ମିଛ କୁହାଯାଏ । କିନ୍ତୁ ବିଜ୍ଞାନ ଓ ନ୍ୟାୟିକ ବ୍ୟବସ୍ଥାରେ ଠିକ୍ ସୂଚନା ଓ ସତ୍ୟ କଥନ ଉପରେ ଦୃଢ଼ ଗୁରୁତ୍ୱ ଦିଆଯାଏ । ବିଗତ କିଛି ବର୍ଷ ହେଲା ମିଛର ଅନେକ ସମସାମୟିକ ରୂପ ଓ ନାମ ଯେପରିକି ପାଲ୍‌ଟରିଂ, ସତ୍ୟ କ୍ଷୟ ଓ ଗଠନମୂଳକ ଗ୍ୟାସଲାଇଟିଂ ଇତ୍ୟାଦି ବ୍ୟାପକ ହେଉଛି । ଏହି ସମସ୍ତ ଶବ୍ଦ ସାମାଜିକ ଜୀବନରେ ଦୁଇଟି ଉପାଦାନରେ ସନ୍ତୁଳନ ରଖିବାକୁ ସର୍ବଦା ଚେଷ୍ଟା କରେ । ପ୍ରଥମଟି ହେଉଛି ସତ କହିବା ଏବଂ ଦ୍ୱିତୀୟ ହେଉଛି ସୂଚନାର ପରିଚାଳନା କରିବା । ଏହାର ଅର୍ଥ ହେଉଛି ଖୋଲାଖୋଲି ଭାବରେ ସତ୍ୟ କହିବା ଉଚିତ କିନ୍ତୁ କେଉଁ ସୂଚନା ବାଟିଂବେ ତାହା ମଧ୍ୟ ସାବଧାନତାର ସହ ବାଛିବା ଆବଶ୍ୟକ । ମିଛ କହିବାର ସମାଜଶାସ୍ତ୍ର ଆମକୁ ଏକ ସରଳ ସତ୍ୟ ଶିଖାଏ ଯେ ଆମେ କ'ଣ କହୁ ତାହା ନୁହେଁ, ବରଂ ଆମେ କ'ଣ ଲୁଚାଇବାକୁ ଚାହୁ ତାହା ଦ୍ୱାରା ହିଁ ଆମ ସାମାଜିକ ଜୀବନ ଆକାର ପାଏ ।

# ସରଳ ବିଚାର : ଏକତାର ସ୍ୱର ହେଉ ବନ୍ଦେ ମାତରମ୍

## ସରଳ କୁମାର ଦାସ

ଜାତୀୟ ଗୀତ 'ବନ୍ଦେ ମାତରମ୍'ର ଗାୟନକୁ ନେଇ ବିବାଦ ଦେଖାଦେଇଛି । ଏଣିକି ସରକାରୀ କାର୍ଯ୍ୟକ୍ରମଗୁଡ଼ିକରେ ବନ୍ଦେ ମାତରମ୍ର ଛଅଟି ଯାକ ପଦ ଗାୟନ କରାଯିବାର ନିଷ୍ପତ୍ତି ନିଆଯାଇଥିବାବେଳେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ୧୯୩୭ ମସିହାରେ କଂଗ୍ରେସ କାର୍ଯ୍ୟବାହୀ ସମିତିର ନିଷ୍ପତ୍ତି ଅନୁଯାୟୀ କଂଗ୍ରେସ ତା'ର ଦଳୀୟ କାର୍ଯ୍ୟକ୍ରମଗୁଡ଼ିକରେ କେବଳ ପ୍ରଥମ ଦୁଇଟି ପଦ ଗାନ କରିବ । ଏ ବିବାଦ ପରିପ୍ରେକ୍ଷୀରେ ଅନେକ ବିଭ୍ରାନ୍ତି ସୃଷ୍ଟି କରାଯାଉଥିବାରୁ ଏ ନେଇ ଏକ ସ୍ୱଷ୍ଟ ଆଲୋଚନାର ଆବଶ୍ୟକତା ରହିଛି । ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କ ରଚିତ 'ବନ୍ଦେ ମାତରମ୍'ର ମୋଟ ୬ଟି ପଦରୁ ପ୍ରଥମ ଦୁଇଟି ପଦ ତାଙ୍କ ଦ୍ୱାରା ସମ୍ପାଦିତ 'ବଙ୍ଗ ଦର୍ଶନ' ପତ୍ରିକାରେ ପ୍ରଥମେ ୧୮୭୫ ମସିହାରେ ପ୍ରକାଶ ପାଇଥିଲା । ୧୮୮୧ ମସିହାରେ ତାଙ୍କ ଉପନ୍ୟାସ 'ଆନନ୍ଦ ମଠ' ସେହି ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଇଲା, ଯେଉଁଥିରେ 'ବନ୍ଦେ ମାତରମ୍'ର ଛଅ ପଦ ବିଶିଷ୍ଟ ସଂସ୍କରଣଟି ସ୍ଥାନିତ ହୋଇଥିଲା । ସ୍ୱୟଂ ରବୀନ୍ଦ୍ରନାଥ ଠାକୁର ଏହାର ସ୍ୱର ସଂଯୋଜନା କରି ୧୮୯୬ ମସିହାରେ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ପ୍ରଥମ ଥର ଲାଗି ଗାଇଥିଲେ । ୧୯୦୫ ମସିହାରେ 'ବଙ୍ଗଭଙ୍ଗ' ଘୋଷଣା ପରେ ବନ୍ଦେ ମାତରମ୍ କ୍ରମେ ଜାତୀୟତାବାଦୀ ଆନ୍ଦୋଳନରେ ଏକ ବଳିଷ୍ଠ ସ୍ଲୋଗାନରେ ପରିଣତ ହେଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ମୁସଲମାନମାନେ ମଧ୍ୟ ବନ୍ଦେ ମାତରମ୍ ସ୍ଲୋଗାନ ଦେବା ଲାଗି କୁଣ୍ଠା ପ୍ରକାଶ କରୁ ନ ଥିଲେ । କିନ୍ତୁ ବିଭିନ୍ନ କାରଣରୁ, ୧୯୦୬-୦୭ ମସିହାରୁ ସେମାନେ ବନ୍ଦେ ମାତରମ୍ ଠାରୁ ଦୂରେଇବାକୁ ଲାଗିଲେ । ୧୯୨୧ ମସିହାରେ ହୋଇଥିବା କଲିକତା ଦଙ୍ଗାରେ ଏହା ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିରେ ବ୍ୟବହୃତ ହୋଇଥିଲା ବୋଲି ଅଭିଯୋଗ ହେଲା । ୧୯୩୦ ମସିହା ପରଠାରୁ ବନ୍ଦେ ମାତରମ୍ର ଗ୍ରହଣୀୟତାକୁ ନେଇ ପ୍ରମୁଖ ମୁସଲମାନ ନେତାଙ୍କ ମଧ୍ୟରେ ରାଜନୈତିକ ବିମର୍ଶ ଅଧିକ ହେଲା । 'ବନ୍ଦେ ମାତରମ୍'କୁ ବିରୋଧ କରିବା ପଛରେ ସେମାନଙ୍କର ଦୁଇଟି ଯୁକ୍ତି ଥିଲା- ଏହା 'ଆନନ୍ଦ ମଠ' ଉପନ୍ୟାସର ଅଂଶବିଶେଷ, ଯେଉଁଥିରେ ମୁସଲମାନ ବିରୋଧୀ ଆପତିଜନକ ଟିପ୍ପଣିମାନ ସ୍ଥାନିତ ହୋଇଥିଲା ଏବଂ ଏଥିରେ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ଭଳି ହିନ୍ଦୁ ଦେବୀଙ୍କର ଅବତାରଣା ଥିଲା, ଯାହା ସେମାନଙ୍କ ମୂର୍ତ୍ତିପୂଜା ବିରୋଧୀ ଧର୍ମବିଶ୍ୱାସ ଦ୍ୱାରା ଗ୍ରହଣୀୟ ନୁହେଁ । ୧୯୩୮ ମସିହାରେ ମୁସଲିମ ଲିଗ୍ ଆନୁଷ୍ଠାନିକ ଭାବେ ଏହାର ବିରୋଧ କଲା । ବ୍ରାହ୍ମ ସମାଜ ଓ ଆର୍ଯ୍ୟ ସମାଜ ମଧ୍ୟ ମୂର୍ତ୍ତି ପୂଜାର ବିରୋଧୀ ହୋଇଥିବାରୁ ପ୍ରଥମ ଦୁଇଟି ପଦ ବ୍ୟତୀତ ଅନ୍ୟ ପଦଗୁଡ଼ିକର ଗାୟନର ପକ୍ଷଧର ନ ଥିଲେ । ବିବାଦକୁ ଏଡ଼ାଇ ସ୍ୱାଧୀନତା ସଂଗ୍ରାମରେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ଆବଶ୍ୟକତା ଥିବାରୁ ଏ ସମ୍ପର୍କରେ ୧୯୩୭ ମସିହାରେ ନେହରୁ ଓ ନେତାଜୀଙ୍କ ପକ୍ଷରୁ ରବୀନ୍ଦ୍ରନାଥଙ୍କ ମତ ଲୋଡ଼ା ଯାଇଥିଲା । କବିଗୁରୁଙ୍କ ସ୍ୱଷ୍ଟ ମତ ଥିଲା ଯେ ସବୁ ଧର୍ମ, ସମ୍ପ୍ରଦାୟର ଭାବନାକୁ ସମ୍ମାନ ଜଣାଇ ମାତୃଭୂମିର ଯଶଗାନ କରୁଥିବା ବନ୍ଦେ ମାତରମ୍ର କେବଳ ପ୍ରଥମ ଦୁଇଟି ପଦକୁ ଗାୟନ କରାଯିବା ବିଧେୟ । ତଦନୁସାରେ ୧୯୩୭ ମସିହାରେ କଂଗ୍ରେସ କାର୍ଯ୍ୟବାହୀ ସମିତି ଦ୍ୱାରା ବନ୍ଦେ ମାତରମ୍ ?ର ପ୍ରଥମ ଦୁଇଟି ପଦକୁ ଗ୍ରହଣ କରାଗଲା । ସଂସ୍କୃତ ମିଶା ବଙ୍ଗଳାରେ ଲେଖା ଏହି ଗୀତର କ୍ଲିଷ୍ଟତାକୁ ଧ୍ୟାନରେ ରଖି ଏହାକୁ ଜାତୀୟ ସଙ୍ଗୀତର ମାନ୍ୟତା ଦିଆଯାଇ ନ ଥିଲେ ହେଁ ସ୍ୱାଧୀନତା ସଂଗ୍ରାମରେ ଏହାର ବିଶେଷ ଭୂମିକା ଥିବାରୁ ଏହାକୁ 'ଜାତୀୟ ଗୀତ'ର ମାନ୍ୟତା ପ୍ରଦାନ କରାଯିବା ନେଇ ସଂବିଧାନ ପ୍ରଣୟନ ସଭାରେ ଆଲୋଚନା ହୋଇଥିଲା, କିନ୍ତୁ ସେ ନେଇ କୌଣସି ପ୍ରସ୍ତାବ ଗୃହୀତ ହୋଇ ନ ଥିଲା । ୧୯୫୦ ମସିହା, ଜାନୁଆରି ୨୪ ତାରିଖ ଦିନ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଏହାକୁ ଜାତୀୟ ସଙ୍ଗୀତର ମର୍ଯ୍ୟାଦା ତୁଲ୍ୟ 'ଜାତୀୟ ଗୀତ'ର ମାନ୍ୟତା ବିଷୟ ଘୋଷଣା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଭାରତ ବ୍ୟତୀତ ବିଶ୍ୱର ଅନ୍ୟ କୌଣସି ଦେଶରେ ଜାତୀୟ ଗୀତ ପ୍ରଚଳିତ ନୁହେଁ । ଡେନମାର୍କ ଓ ନିଉଜିଲାଣ୍ଡରେ ଦୁଇଟି ଲେଖାଏଁ ଜାତୀୟ ସଙ୍ଗୀତ ପ୍ରଚଳିତ । ବଙ୍ଗଳାଦେଶ, ଶ୍ରୀଲଙ୍କା, ଫିନଲାଣ୍ଡ ଭଳି ଦେଶରେ ଜାତୀୟ ସଙ୍ଗୀତ ଭିନ୍ନ ଅନ୍ୟ ଗୀତର ଗାୟନ ହେଉଥିଲେ ବି ସେଗୁଡ଼ିକୁ ଜାତୀୟ ଗୀତର ମାନ୍ୟତା ପ୍ରଦାନ କରାଯାଇ ନାହିଁ । ଏବେ ଜାତୀୟ ସଂଗୀତର ଗାୟନ ଅବଧି ସଂପର୍କରେ ବିଚାର କରିବା । ୧୭୬ଟି ଦେଶର ଜାତୀୟ ସଙ୍ଗୀତକୁ ନେଇ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ ସେଗୁଡ଼ିକର ହାରାହାରି ଅବଧି ମାତ୍ର ୧ ମିନିଟ ୨୩.୭ ସେକେଣ୍ଡ । ଇଷ୍ଟୋନିଆର ଜାତୀୟ ସଙ୍ଗୀତର ଅବଧି ସବୁଠାରୁ କମ୍ ମାତ୍ର ୩୨ ସେକେଣ୍ଡ ହୋଇଥିଲା ବେଳେ ଉରୁଗୁୟେର ସର୍ବାଧିକ ୪ ମିନିଟ ୩୦ ସେକେଣ୍ଡ । ୧୫୮ ପଦବିଶିଷ୍ଟ ଗ୍ରିସ୍‌ର ଜାତୀୟ ସଙ୍ଗୀତ 'ହିମ୍ ଅଫ୍ ଲିବର୍ଟି' ସବୁଠାରୁ ଦୀର୍ଘ ହୋଇଥିଲେ ବି ଏହାର କେବଳ ପ୍ରଥମ ଦୁଇଟି ପଦ ଗାନ କରାଯାଇଥାଏ । ଭାରତର ଜାତୀୟ ସଙ୍ଗୀତ 'ଜନ ଗଣ ମନ'ର ଅବଧି ୫୨ ସେକେଣ୍ଡ । କବିଗୁରୁ ରବୀନ୍ଦ୍ରନାଥଙ୍କ ରଚିତ 'ଭାରତ ଭାଗ୍ୟ ବିଧାତା' କବିତାରେ ମୋଟ ୫ଟି ପଦରୁ ପ୍ରଥମ ପଦଟିକୁ ଗାନ କରାଯାଉଛି । ଜାତୀୟ ସଙ୍ଗୀତଗୁଡ଼ିକ ଅଳ୍ପାବଧିର ହେବା ପଛର କାରଣଗୁଡ଼ିକ ହେଲା, ଏତଦ୍ୱାରା ନାଗରିକମାନେ ଏହାର ସ୍ୱର ଓ ଶବ୍ଦକୁ ସହଜରେ ମନେ ରଖି ଗାଇ ପାରିବେ ଓ ଜାତୀୟ ସଙ୍ଗୀତ ପ୍ରତି ସେମାନଙ୍କ ଆତ୍ମୀୟତା ବଢ଼ିବ ଏବଂ ଅଧିକ ସଂଖ୍ୟକ ନାଗରିକ ଏହାର ସମୂହ ଗାନ କରିପାରିବେ । ପୂର୍ଣ୍ଣ ନିବରତା ଅବଲମ୍ବନ କରି ଧୈର୍ଯ୍ୟ ସହକାରେ ସାବଧାନ ମୁଦ୍ରାରେ ଛିଡ଼ା ହୋଇ ନାଗରିକମାନେ ଏହାକୁ ସମ୍ମାନ ଜଣାଇବାରେ ଅସୁବିଧା ରହିବ ନାହିଁ । ଏକ ଅଧ୍ୟୟନରୁ ଜଣାପଡ଼େ ଯେ ୩୦ରୁ ୬୦ ସେକେଣ୍ଡ ମଧ୍ୟରେ ସୀମିତ ଥିଲେ ସାଧାରଣ ଭାବେ ଜାତୀୟ ସଂଗୀତ ସହଜରେ ସମସ୍ତଙ୍କ ଧ୍ୟାନକୁ ବାନ୍ଧି ରଖିପାରେ । କୌଣସି ବିଶେଷ ଅନୁଷ୍ଠାନ ବା ସମାରୋହରେ ତାହା ସର୍ବାଧିକ ୯୦ ସେକେଣ୍ଡ ଯାଏଁ ଯାଇଥାଏ । ଅତି ଅଧିକରେ ତାହା ଦୁଇ ମିନିଟ ଯାଏଁ ଯାଇପାରେ, ଯହିଁରୁ ଅଧିକ ହେଲେ ଧୈର୍ଯ୍ୟଚ୍ୟୁତି ଘଟିବା ଆରମ୍ଭ ହୁଏ । ଏପରି ସ୍ଥଳେ ଦୁଇ ପଦ ବିଶିଷ୍ଟ ବନ୍ଦେ ମାତରମ୍ର ଅବଧି ଯାହା ୬୫ ସେକେଣ୍ଡର ଥିଲା, ଏବେ ୩ ମିନିଟ ୧୦ ସେକେଣ୍ଡ ହୋଇଛି । ବନ୍ଦେ ମାତରମ୍ ଗୀତକୁ ବାଦ୍ୟଯନ୍ତ୍ର ସହ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଭାବେ ପରିବେଷଣ କରାଗଲେ ଯେଉଁ ଦର୍ଶକ ୫ ମିନିଟ ଯାଏଁ ଉପଭୋଗ କରନ୍ତି, ତାକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଶୁଣିବାକୁ କୁହାଗଲେ ଅସହଜ ହୋଇ ଉଠନ୍ତି । ଜାତୀୟ ଗୀତକୁ ସମ୍ମାନ ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଆମକୁ ଏହି ବାସ୍ତବତାଟିକୁ ମଧ୍ୟ ବିଚାରକୁ ନେବାକୁ ହେବ । ୨୦୨୫ ମସିହା ଡିସେମ୍ବର ମାସ, ସଂସଦର ୧୫୦ତମ ଅଧିବେଶନରେ ବନ୍ଦେ ମାତରମ୍ ଉପରେ ବିସ୍ତୃତ ଆଲୋଚନା ହୋଇଥିଲେ ହେଁ ଏହାର ଛଅଟି ପଦକୁ ଗ୍ରହଣ କରି କୌଣସି ପ୍ରସ୍ତାବ ବା ଆଇନ ପ୍ରଣୀତ ହୋଇ ନଥିଲା । ତେବେ ୨୦୨୬ ମସିହା ଜାନୁଆରିରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ତରଫରୁ ଜାରି ହୋଇଥିବା ଏକ ପ୍ରଶାସନିକ ମାର୍ଗଦର୍ଶିକା ଅନୁଯାୟୀ ବନ୍ଦେ ମାତରମ୍ର ଛଅଟି ଯାକ ପଦକୁ ପତାକା ଉତୋଳନ, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ସମାରୋହ ଓ ସ୍କୁଲମାନଙ୍କରେ ଗାୟନ କରାଯିବ ବୋଲି କୁହାଗଲା । ଅର୍ଥାତ୍ ଆଇନରେ ପରିଣତ ହୋଇ ନ ଥିବାରୁ ସରକାରୀ କାର୍ଯ୍ୟକ୍ରମ ବ୍ୟତୀତ ଅନ୍ୟତ୍ର କେବଳ ପ୍ରଥମ ଦୁଇଟି ପଦ ଗାଇବା ବେଆଇନ ବା ଦଣ୍ଡନୀୟ ଅପରାଧ ନୁହେଁ । ଜାତୀୟ ପତାକା, ସଂବିଧାନ ଓ ଜାତୀୟ ସଙ୍ଗୀତ ପ୍ରତି ହେଉଥିବା ଅସମ୍ମାନକୁ ଏଡ଼ାଇବା ପାଇଁ ୧୯୭୧ ମସିହାରେ 'ଜାତୀୟ ମର୍ଯ୍ୟାଦା ଅସମ୍ମାନ ନିରୋଧ ଆଇନ' ପ୍ରଣୀତ ହୋଇଥିଲା । ୨୦୨୬ ମସିହା ଅଗଷ୍ଟ ୬ ତାରିଖରୁ 'ବନ୍ଦେ ମାତରମ୍' ସେହି ଆଇନ ଅନ୍ତର୍ଭୁକ୍ତ ହୋଇଛି । ସେହି ଆଇନର ଧାରା ୩ ଅନୁଯାୟୀ ଉଦ୍ଦେଶ୍ୟମୂଳକ ଭାବେ ଜାତୀୟ ଗୀତ ଗାନରେ ବାଧା ଉତ୍ପନ୍ନ କରିବା ବା ଏହାର ସମୂହ ଗାନ ସମୟରେ ଗଣ୍ଡଗୋଳ କରିବା ଏକ ଦଣ୍ଡନୀୟ ଅପରାଧ, ଯେଉଁଥି ଲାଗି ୩ ବର୍ଷ ଯାଏଁ ଜେଲ୍‌ଦଣ୍ଡ ବା ଅର୍ଥଦଣ୍ଡ ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି । ଉଲ୍ଲେଖଯୋଗ୍ୟ ଯେ ଏହି ଆଇନ ଅନୁଯାୟୀ କେହି ଜାତୀୟ ସଙ୍ଗୀତ ବା ଜାତୀୟ ଗୀତକୁ ନ ଗାଇଲେ ତାହା ଦଣ୍ଡନୀୟ ଭାବେ ପରିଗଣିତ ହେବନାହିଁ ଓ ତାହା ଗାଇବା ପାଇଁ ମଧ୍ୟ କାହାକୁ ବାଧ କରାଯାଇପାରିବ ନାହିଁ । ଏ ସମ୍ପର୍କରେ 'ଜେହୋଭାଜ୍ ୱିଟନେସେସ୍ ଜାତୀୟ ସଙ୍ଗୀତ ମାମଲା'ରେ ସୁପ୍ରିମ କୋର୍ଟଙ୍କ ଦ୍ୱାରା ୧୯୮୬ ମସିହାରେ ପ୍ରଦତ୍ତ ଐତିହାସିକ ରାୟ ପ୍ରଣିଧାନଯୋଗ୍ୟ । ସୁପ୍ରିମ୍ କୋର୍ଟ ତାଙ୍କ ରାୟରେ ସ୍ୱଷ୍ଟ କରିଥିଲେ ଯେ ଜାତୀୟ ସଙ୍ଗୀତ ଗାଇବା ବାଧ୍ୟତାମୂଳକ ନୁହେଁ । ଜାତୀୟ ସଙ୍ଗୀତ ଗାନ ସମୟରେ ଗୀତଟିକୁ ନ ଗାଇ କେବଳ ସମ୍ମାନ ପ୍ରଦର୍ଶନ ପୂର୍ବକ ଠିଆ ହୋଇ ରହିବା ତା' ପ୍ରତି ଅସମ୍ମାନ ନୁହେଁ । ଏହା ସତ୍ତ୍ୱେ ଅଧିକ ସଂଖ୍ୟକ ଦେଶବାସୀ ସ୍ୱେଚ୍ଛାରେ ଜାତୀୟ ସଙ୍ଗୀତ ଓ ଜାତୀୟ ଗୀତ ଗାଇବା ଲାଗି ଉନ୍ମୁଖ ହେବା ଆବଶ୍ୟକ । 'ବନ୍ଦେ ମାତରମ୍' ସ୍ୱାଧୀନତା ସଂଗ୍ରାମର ଉଦ୍‌ଘୋଷ ଥିଲା । କେବଳ ଦୁଇଟି ଶବ୍ଦ ହିଁ ଅସଂଖ୍ୟ ଲୋକଙ୍କୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ଟାଣି ଆଣିଥିଲା । ତେଣୁ ଏପରି ଏକ ପ୍ରେରଣାଦାୟୀ ଗୀତକୁ ବିବାଦର ପ୍ରସଙ୍ଗ କରି ଆରୋପ ପ୍ରତ୍ୟାରୋପର ଝଡ଼ ସୃଷ୍ଟି କରିବା କରିବା ଦେଶ ପକ୍ଷରେ ହିତକର ନୁହେଁ । ବନ୍ଦେ ମାତରମ୍‌କୁ ରାଜନୈତିକ ଉଦ୍ଦେଶ୍ୟ ସାଧନ ଲାଗି ଏକ ଅସ୍ତ୍ର ରୂପେ ବ୍ୟବହାର କରିବା ମଧ୍ୟ ଅନୁଚିତ । ଏହା ଏକତାର ସ୍ୱର ହେବା ବାଞ୍ଛନୀୟ ।

# ସାମାନ୍ୟ କଥନ : ଭିନ୍ନ ଏକ ଭିଡ଼ତନ୍ତ୍ର

ପଚାଶ ବର୍ଷରୁ ଅଧିକ କାଳ ହେବ ଘଟଣାଟିକୁ । ମୁଁ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀରେ ପଢୁଥାଏ । ସକାଳେ ଗାଁରେ ଲୋକେ କୁହାକୁହି ହେଲେ- ନିଧିବୁଢ଼ା ରାତିରେ ବିଷ ପି'ଦେଲା; ସକାଳେ ମରିପଡ଼ିଛି । ଗାଁ ଲୋକେ ସେଇଠି କଥାଟିକୁ ପାଟପୁଟ କରିଦେଲେ; ପୁଲିସ-ଥାନା ଯାଏ କଥା ଯିବାର ନୁହେଁ ! ନିକଟ ପରିଜନ ବିନା କନ୍ଦାକଟାରେ ଯେତେ ଶୀଘ୍ର ସମ୍ଭବ ବୁଢ଼ାକୁ ମାଟି ଦେଇଦେଲେ । ଦୁଇ-ତିନି ମାସ ହେଲା ବୁଢ଼ା ପାଗଳ ହୋଇଯାଇଥିଲା । ସାନ-ସାନ ପିଲାଙ୍କୁ ଦେଖିଲା କ୍ଷଣି କେବେ ନିଜେ ଲୁଚିଯାଏ, ତ ଆଉ କେବେ ଲାଠି ଧରି ପଛରେ ଦଉଡ଼େ । ପିଲାଏ ତା'ର ମଜା ନେବାକୁ 'ମଟର-ଡିସା' କହିଦେଇ ଦଉଡ଼ି ପଳାନ୍ତି । ବୁଢ଼ା ଅତର୍ଚ୍ଛା ଗୋଡ଼ାଏ; ସାଙ୍ଗେ ସାଙ୍ଗେ ତା'ର ବିପରୀତ କହୁ ଆଉ ଦଳେ ପିଲା ଅଧିକ ବଡ଼ ପାଟିରେ ଚିଲ୍ଲାନ୍ତି, 'ମଟର-ଡିସା' । ତେଣିକି ବୁଢ଼ାର ଆଉ ହିତାହିତ ଜ୍ଞାନ ରହେନା, ଅକଥ୍ୟ ଭାଷାରେ ବକେ; ପାଖରେ ଯାହା ପାଏ- ଢ଼େଲା-ପଥର ତାକୁ ଶସ୍ତ୍ର କରି ପିଲାଙ୍କ ଉପରକୁ ଫୋପାଡ଼େ । ଏହି ପ୍ରକ୍ରିୟାରେ ଅଣ୍ଟାରୁ ତା'ର କେବେ ଲୁଗା ଖସିଯାଏ ତ ଆଉ କେବେ ବୁଢ଼ା ଝୁଣ୍ଟି ପଡ଼ି ଖଣ୍ଡିଆ-ଖାବରା ହୋଇଯାଏ । ବୁଢ଼ାର ଏ ରୂପ ଗାଁ ଦାଣ୍ଡରେ ଭୟ ବଦଳରେ ହାସ୍ୟରୋଳ ସୃଷ୍ଟି କରେ । ବଡ଼ମାନେ ଏଥିରେ ବୁଢ଼ାର ଦୋଷ ଦେଖନ୍ତି । ପିଲାଙ୍କ ପାଇଁ ତାହା ଏକ ଆମୋଦ ! ଜାଣି, ନିଧିବୁଢ଼ା ଏକ କ୍ରୀଡ଼ନକ; ପୁଣି ସାରା ଗାଁ ଯେମିତି ତା' ବିରୁଦ୍ଧରେ; ସେ ଶତ୍ରୁ ! 'ମଟର-ଡିସା'ର ଅର୍ଥ ମୋଟର ସହିତ ଧକ୍ ?କା । ପ୍ରକୃତ କଥାଟି ହେଲା, ନିଧିବୁଢ଼ା ଜାଣିଶୁଣି ଚଳନ୍ତା ମଟରଗାଡ଼ିରେ ଯାଇ ଧକ୍କା ଖାଇଲା; ଉଦ୍ଦେଶ୍ୟ ଗାଡ଼ିବାଲା ଠାରୁ ପଇସା ଆଦାୟ କରି ସେହି ପଇସାରେ ମହାଡ଼ମ୍ବରରେ ନୂଆଁଖାଇ ପାଳନ କରିବ । ଘଟଣାଟି ଥିଲା ଏହିପରି- ନୂଆଁଖାଇ ପୂର୍ବ ଦିନ ଦୁଇପହରେ ବୁଢ଼ା ଗାଇ-ଗୋରୁ ଘେନି ବିଲରୁ ଫେରୁଥିଲା । ରାଜରାସ୍ତା ପାରି ହେଲା ବେଳେ ଗାଁ ମୁହଁରେ ତା' ସମ୍ମୁଖକୁ ମୋଟରକାରଟିଏ ଆସିଗଲା । ଗୋରୁ ପଲ ଥିଲେ ବୋଲି ଗାଡ଼ିର ଗତି ଧୀର ଥାଏ । ତା' ସତ୍ତ୍ୱେ ବୁଢ଼ା ଗାଡ଼ି ଉପରକୁ ପଡ଼ିଗଲା, ଚେତାଶୂନ୍ୟ ହେଲା । ଗାଡ଼ିବାଲାର ନଜର ପଡ଼ିବାରୁ ସେ ଗାଡ଼ିରୁ ଓହ୍ଲାଇଲା; ବୋତଲ ପାଣିରେ ବୁଢ଼ାକୁ ସାଷ୍ଟାମ କଲା । ଏତିକି ବେଳକୁ ଗାଁଲୋକ ରୁଣ୍ଡ ହୋଇଗଲେ । ତେଣିକି ସେଠାରେ ଭିଡ଼ର ରାଜୁତି ଚାଲିଲା । ଭିଡ଼ର ନିଷ୍ପତି- ନିଧିବୁଢ଼ା ଉପରକୁ ଗାଡ଼ି ମାଡ଼ିଗଲା । ସବୁ ଦୋଷ ଗାଡ଼ିବାଲାର । ଗାଡ଼ିରେ ନିଆଁ ଲଗେଇ ଦିଅ; ଗାଡ଼ିବାଲାକୁ ମାରି ହାଣି ପକାଅ । ଶେଷରେ ବୁଢ଼ାର ଚିକିତ୍ସା ବାବଦକୁ ଗାଡ଼ିବାଲା ପଚାଶ ଟଙ୍କା ଦେଲା; ଘଟଣା ସ୍ଥଳରୁ ବହୁ କଷ୍ଟରେ ଗାଡ଼ି ଆଗକୁ ଯିବା ପାଇଁ ଅନୁମତି ପାଇଲା । ବୁଢ଼ାଠାରେ ଆଘାତର କୌଣସି ଚିହ୍ନ ନ ଥିଲା । ଘରକୁ ବୁହା ହେଇ ଅଣା ହେଲା ପରେ ସାମାନ୍ୟ ଆରାମ ପରେ ସୁସ୍ଥ ହୋଇ ପଡ଼ିଲା । ଗାଡ଼ିବାଲା ଠାରୁ ମିଳିଥିବା ପଚାଶ ଟଙ୍କାରେ ତା' ପରିବାର ଲୋକେ ମହାଉଲ୍ଲାସରେ ନୂଆଁଖାଇ ପାଳନ କଲେ । ଗାଁର ଅନ୍ୟମାନଙ୍କ ପରି ନୂଆଁଖାଇ ଦିନ ଅଭାବର ଗଞ୍ଜଣା ଭୋଗିଲେ ନାହିଁ । ନୂଆଁଖାଇ ପର୍ବ ଆସେ ଭାଦ୍ରବ ମାସରେ । ତାହା ଘୋର ଅନଟନର ସମୟ । ସାଧାରଣ ଚାଷୀ ଘରେ ଦୁଇ ଓଳି ଚୁଲି ଜଳିବା କଷ୍ଟ ହୋଇପଡ଼େ । କାର୍ତ୍ତିକ ମାସ ଯାଏ କ୍ଷେତରୁ ନୂଆଁ ଧାନ ଅମଳ ହେବାର ନୁହେଁ । ଗାଁସାରା ଲୋକେ କୃଷିଆଶ୍ରିତ; କିଏ ଜମି ଚାଷକରେ ତ କିଏ ଚାଷୀ ବିଲରେ ମଜୁରି ଖଟେ । ବିକାକିଣା ସବୁ ଧାନରେ । ରୋଜଗାରର ଅଲଗା ପନ୍ଥା ବିରଳ ପ୍ରାୟ । ଅନଟନ ଯୋଗୁଁ ଅନେକ ସାନଚାଷୀ ଓ ମଜୁରିଆଙ୍କ ପାଇଁ ନୂଆଁଖାଇର ଖର୍ଚ୍ଚ ଯୋଗାଡ଼ ବିଷମ ହୋଇପଡ଼େ । ନିଧିବୁଢ଼ା ଗାଁର ଏକ ଛୋଟ ଚାଷୀ; ମଝିରେ ମଝିରେ ତା' ପୁଅ-ବୋହୂ ଅନ୍ୟ ଚାଷୀର ବିଲରେ ମଜୁରି ନ କଲେ ଦିନ ଯାଏନା । ବୁଢ଼ାର କାମ ଘରର ଗାଇ-ଗୋରୁ ଚରାଇବା । ବୁଢ଼ା ହେଲାଣି ବୋଲି ମଜୁରି ପାଇଁ ତା'ର ଚାହିଦା ନାହିଁ । ଏଭଳି ଏକ ଦୁଃସ୍ଥିତିରେ ସେ ଦିନର ପଚାଶ ଟଙ୍କା ଥିଲା ଯେମିତି ତା' ପରିବାର ପାଇଁ ଏକ ବଡ଼ ବରଦାନ ! ହେଲେ, ଖୁବ୍‌ଶୀଘ୍ର ବରଦାନଟି ଯେମିତି ଅଭିଶାପ ଭଳି ଲାଗିଲା । ନୂଆଁଖାଇ ପରଦିନ କେହି ଜଣେ ଗାଁ ଦାଣ୍ଡରେ କହିଲା- ବୁଢ଼ା ନୂଆଁଖାଇର ଖର୍ଚ୍ଚ ଯୋଗାଡ଼ ଉଦ୍ଦେଶ୍ୟରେ ଜାଣିଶୁଣି ସେ ଦିନ ମୋଟର ଉପରକୁ କୁଦି ପଡ଼ିଲା । ଖୁବ୍ ଅଳ୍ପ ସମୟ ମଧ୍ୟରେ ଏହା ଏକ ଅକାଟ୍ୟ 'ସତ କଥା'ରେ ରୂପାନ୍ତରିତ ହେଲା । ବଡ଼ମାନଙ୍କର ତହିଁରେ ମୌନ ସମ୍ମତି ରହିଥିଲା । ସାନ ସାନ ପିଲା, ବୁଢ଼ାକୁ ଚିଡ଼େଇବା ଲାଗି ସେହି 'ସତ'କୁ ଅସ୍ତ୍ର କଲେ । ଯେଉଁ ଆକ୍ରାମକତାରେ ସେ ଦିନ ଗାଁଲୋକ ଏକ ଭିଡ଼ରେ ପରିଣତ ହୋଇ ଗାଡ଼ିବାଲାକୁ ଦୋଷୀ ଘୋଷଣା କରି ଟଙ୍କା ଆଦାୟ କରିଥିଲେ, ଏବେ ସେହି ନୃଶଂସତାର ଶିକାର ନିଧି ବୁଢ଼ା, ଭିଡ଼ର ଘୋଷଣା ଯେ ବୁଢ଼ା ପ୍ରଚଣ୍ଡ ଲୋଭୀ ! ବୁଢ଼ାଠାରୁ କେହି କୌଣସି କୈଫିୟତ ଲୋଡ଼ିଲେ ନାହିଁ । ଗାଡ଼ି ଧକ୍କାରେ ଆଘାତ ପାଇ ନ ଥିବା ନିଧିବୁଢ଼ା ଗାଁ ଲୋକଙ୍କ ନିଷ୍ଠୁର ବିଦ୍ରୂପର ମାଡ଼ରେ ଯେଉଁ ଆଘାତ ପାଇଲା, ତା'ର ଉପଶମ ପାଇଁ କୌଣସି ଔଷଧ ବା ମଲମ ନ ଥିଲା । ପ୍ରଥମେ ବୁଢ଼ା ନିଜ ଆଡୁ ନିର୍ଦ୍ଦୋଷତା ପ୍ରମାଣ କରିବାକୁ ଚେଷ୍ଟା କଲା । ସେ ଦିନ ତା' ମୁଣ୍ଡ ବୁଲାଇବାରେ, ଚେତା ହରାଇବାରେ, କିମ୍ବା ଡ୍ରାଇଭର ଠାରୁ ଟଙ୍କା ଅସୁଲିରେ ତା'ର ଆଦୌ କୌଣସି ଭୂମିକା ନ ଥିବା କଥା କହିଲା । କିନ୍ତୁ ଲୋକେ ଓଲଟି କହିଲେ- କୈଫିୟତ ଦେବା ହେଉଛି ତା' 'ଚୋର ମନ'ର ପ୍ରମାଣ । ନିରାଶ ବୁଢ଼ାକୁ କୌଣସି ପ୍ରବୋଧନା ମିଳିବାର ନ ଥିଲା । ଏବେ କେବଳ ଚତୁର୍ଦ୍ଦିଗରୁ 'ମଟର-ଡିସା'ର କୋଳାହଳ ! ତା' ରାଗ ସହିତ 'ମଟର-ଡିସା'ର ଆକ୍ଷେପ ଆହୁରି ତୀବ୍ର ହେଲା । ବଡ଼ମାନେ ଏଥିରୁ ଅଧିକ ଆନନ୍ଦ ପାଇଲେ । ବୁଢ଼ାର ଉଗ୍ରତା ବଢୁଥିବା ବେଳେ ବଡ଼ମାନଙ୍କ ଇଙ୍ଗିତରେ ପିଲାଙ୍କ ବିଦ୍ରୂପ ଆକାଶ ଛୁଇଁଲା । ଶେଷକୁ ବୁଢ଼ା ପାଗଳ ହୋଇଗଲା ଏବଂ ବିଷ ଖାଇବାରେ ଘଟଣାର ଅନ୍ତ ହେଲା । ଏହି ଘଟଣାର ୫ ଦଶନ୍ଧି ପରେ ଲାଗୁଛି ଭିଡ଼ତନ୍ତ୍ରର କରାଳତା ଆଜି ମଧ୍ୟ ସେମିତି ଅଛି । ଗାଁ, ସହର ଓ ନଗର ସବୁଠି ! ବା'ବତାସ ପରି ମାଡ଼ିଆସେ; କ୍ରୂରତାର ଚକ୍ରବାତରେ ସତ୍ୟ, ତଥ୍ୟ, ତର୍କ ଓ ସର୍ବୋପରି ମାନବିକତା କୁଟା ଖିଅ ଭଳି କୁଆଡ଼େ ଉଡ଼ିଯାଏ, ସନ୍ଧା ହରାଏ । କିନ୍ତୁ ବଡ଼ କଥା ହେଲା, ଏତେ ସବୁ ଜଘନ୍ୟତା ପରେ ସୁଦ୍ଧା ସେ ଅଦୃଶ୍ୟ ହୋଇ ରହେ; ଭିଡ଼ତନ୍ତ୍ରର ନିୟନ୍ତା ଭାବରେ କାହାରି ମୁଣ୍ଡରେ ଦୋଷ ଲାଗେନା !

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin : 769003







# ୧୦ ଦିନ ଅନ୍ଧାରରେ ମନମୋହନ ବିଦ୍ୟାଳୟ, ବକେୟା ବିଲ୍ ଦେଲେ ପୁରାତନ ଛାତ୍ର

ଝାରସୁଗୁଡ଼ା,୨୫/୯(ନି/ପ୍ର): ବିଦ୍ୟୁତ ବିଲ୍ ବକେୟା ରହିବାରୁ ଝାରସୁଗୁଡ଼ା ସହରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ମନମୋହନ ବିଦ୍ୟାଳୟର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଗତ ୯ ତାରିଖରୁ ବିଦ୍ୟାଳୟ ଅନ୍ଧାରରେ ରହିଥିବା ଜଣାପଡ଼ିଛି। ତେବେ ବିଦ୍ୟାଳୟର ଏଭଳି ସ୍ଥିତି ସମ୍ପର୍କରେ ଜାଣିବା ପରେ ଏହାର ଜଣେ ପୁରାତନ ଛାତ୍ର ତଥା ପ୍ରସନ୍ନ ପଣ୍ଡା ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ ତିୱାରୀ ସୋମବାର ବିଦ୍ୟୁତ ବିତରଣ କମ୍ପାନୀ ନିକଟରେ ବକେୟା ବିଲ୍ ପୈଠ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ମନମୋହନ ବିଦ୍ୟାଳୟର ବିଦ୍ୟୁତ ବିଲ୍ ବାବଦରେ ପ୍ରାୟ ୨୮ ହଜାର ୨୦୦ ଟଙ୍କା ବକେୟା ରହିଥିଲା। ଏହି ବକେୟା ରାଶି ପୈଠ ନହେବାରୁ ଗତ ୯ ତାରିଖରେ ବିଦ୍ୟାଳୟର ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିଲା। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ପରେ ଆଲୋକ, ପଙ୍ଖା ସହ ବିଭିନ୍ନ ବିଦ୍ୟୁତଚାଳିତ ଉପକରଣର ବ୍ୟବହାର ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟୁତ ବିଲ୍ ପୈଠ କରିବା ପରେ ଅଧ୍ୟକ୍ଷ ଦୀପକ ତିୱାରୀ କହିଛନ୍ତି ଯେ, ସେ ନିଜେ ଏହି ବିଦ୍ୟାଳୟର ପୁରାତନ ଛାତ୍ର। ତାଙ୍କ ବାପା ମଧ୍ୟ ଏହି ବିଦ୍ୟାଳୟରେ ପଢ଼ିଥିଲେ। ଯେଉଁ ବିଦ୍ୟାଳୟରେ ସେ ପାଠ ପଢ଼ିଛନ୍ତି, ତାହାର ଏଭଳି ଅବସ୍ଥା ସମ୍ପର୍କରେ ଜାଣି ତାଙ୍କୁ ଦୁଃଖ ଲାଗିଥିଲା। ତେଣୁ ଏହାକୁ ଗୁରୁଦକ୍ଷିଣା ଭାବେ ବିଦ୍ୟାଳୟ ପାଇଁ ବକେୟା ବିଦ୍ୟୁତ ବିଲ୍ ପୈଠ କରିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ, ଶିକ୍ଷାନୁଷ୍ଠାନରେ ଏଭଳି ଭାବେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବାକୁ ନେଇ ପ୍ରଶ୍ନ ଉଠିଛି। ଶିକ୍ଷାର ମାନ ବୃଦ୍ଧି ଓ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ପରିବେଶ ଯୋଗାଇବା ପାଇଁ ବିଭିନ୍ନ ଯୋଜନା ଓ ପଦକ୍ଷେପ ନିଆଯାଉଥିବା ବେଳେ ଏକ ସରକାରୀ ବିଦ୍ୟାଳୟର ବକେୟା ବିଦ୍ୟୁତ ବିଲ୍ ଯୋଗୁଁ ସଂଯୋଗ ବିଚ୍ଛିନ୍ନ ହେବା ଘଟଣା ଆଲୋଚନାର ବିଷୟ ହୋଇଛି। ବିଦ୍ୟୁତ ଭଳି ମୌଳିକ ସୁବିଧା ବିନା ଶିକ୍ଷାଦାନ ଓ ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟ କେତେଦୂର ସ୍ୱାଭାବିକ ଭାବେ ଚାଲିପାରୁଛି, ତାହା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବିଶେଷକରି ଡିଜିଟାଲ ଶିକ୍ଷା, ବିଦ୍ୟୁତଚାଳିତ ଉପକରଣ, ଆଲୋକ ଓ ପଙ୍ଖା ଭଳି ମୌଳିକ ସୁବିଧା ଉପରେ ବିଦ୍ୟାଳୟ ନିର୍ଭରଶୀଳ ଥିବାରୁ ବିଦ୍ୟୁତ ବିଚ୍ଛିନ୍ନତା ଶିକ୍ଷା ପରିବେଶକୁ ପ୍ରଭାବିତ କରିଥିବା ନେଇ ମତ ପ୍ରକାଶ ପାଇଛି। ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ନିକଟରେ ଥିବା ଏହି ପୁରାତନ ବିଦ୍ୟାଳୟରେ ଏଭଳି ଘଟଣା ଘଟିବା ପରେ ବିଦ୍ୟୁତ ବିଲ୍ ପୈଠ ଓ ଶିକ୍ଷାନୁଷ୍ଠାନର ମୌଳିକ ସୁବିଧା ପରିଚାଳନାକୁ ନେଇ ଜିଲ୍ଲା ଶିକ୍ଷା ବିଭାଗର ଭୂମିକା ଉପରେ ଆଲୋଚନା ଜୋର ଧରିଛି।

# ଟଙ୍କଧରଙ୍କ ବାସଭବନରେ ନୂଆଁଖାଇ ଭେଟଘାଟ



ଝାରସୁଗୁଡ଼ା,୨୫/୯(ନି/ପ୍ର): ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ବୁଧବାର ମହାସମାରୋହରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଷଣ ସହ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପାରମ୍ପରିକ ଖାଦ୍ୟର ଝଲକ ଏହି ଆୟୋଜନର ମୁଖ୍ୟ ଆକର୍ଷଣ ପାଲଟିଥିଲା। କାର୍ଯ୍ୟକ୍ରମରେ ଦିଲୀପ କୁମାର ଦୀପ ଓ ସାଥୀମାନେ ସଂଗୀତ ପରିବେଷଣ କରିଥିଲେ। ସମ୍ବଲପୁରୀ ନୃତ୍ୟର ତାଳେ ମନ୍ତ୍ରୀ, ବିଧାୟକ ଓ ଅତିଥିମାନଙ୍କ ସହ ସାଧାରଣ ଲୋକଙ୍କ ନୃତ୍ୟ ପରିବେଶକୁ ଉତ୍ସବମୁଖର କରିଥିଲା। ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅତିଥିମାନଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ। ନୂଆଁଖାଇ ପଶ୍ଚିମ ଓଡ଼ିଶାର ଏକ ମହାନ ଗଣପର୍ବ ଏବଂ ଏହା ମାଟି, ମା' ଓ ସଂସ୍କୃତି ସହ ଓତପ୍ରୋତ ଭାବେ ଜଡ଼ିତ ବୋଲି ସେ କହିଥିଲେ। ଏହି ପର୍ବ ଭାଇଚାରା, ଏକତା ଓ ସୌହାର୍ଦ୍ଦ୍ୟକୁ ଆହୁରି ସୁଦୃଢ଼ କରିଥାଏ ବୋଲି ସେ ମତପ୍ରକାଶ କରିଥିଲେ। ଭେଟଘାଟରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସରସତିଆ, ଚାଉଳ ବରା, ଆରିସା ପିଠା, ରସବରା ସମେତ ବିଭିନ୍ନ ବ୍ୟଞ୍ଜନ ପରିବେଷଣ କରାଯାଇଥିଲା। ଅତିଥିମାନେ ଏହି ପାରମ୍ପରିକ ଖାଦ୍ୟର ସ୍ୱାଦ ନେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ବିଧାୟକ ବାବୁ ସିଂ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବିଜେପୁର ବିଧାୟକ ସନତ ଗଡ଼ତିଆ, ପାରଳାଖେମୁଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେଡି ନେତା ଅରୁଣ ସାହୁ, ବ୍ୟୋମକେଶ ରାୟଙ୍କ ସମେତ ୧୦୦ରୁ ଅଧିକ ବିଧାୟକ, ୧୦ରୁ ଅଧିକ ମନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଭେଟଘାଟରେ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପାରମ୍ପରିକ ଖାଦ୍ୟ ଅତିଥିମାନଙ୍କୁ ଆକର୍ଷିତ କରିଥିଲା।

# ଜିଲ୍ଲାସ୍ତରୀୟ 'ଶିଶୁମାନଙ୍କ ପାଇଁ ଏକ ଦିନ ଟିଏ' ଓ ଟାସ୍କ ଫୋର୍ସ କମିଟି ବୈଠକ

ନବରଙ୍ଗପୁର,୨୫/୯(ନି/ପ୍ର): ଶିଶୁ ବିବାହ ଓ ଶିଶୁ ଶ୍ରମ ନିରୋଧ ସହିତ ଶିଶୁମାନଙ୍କ ସୁରକ୍ଷା, ଅଧିକାର ଓ କଲ୍ୟାଣ ତଥା କିଶୋର-କିଶୋରୀଙ୍କ ସୁରକ୍ଷା ଓ ସଶକ୍ତିକରଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ 'ଶିଶୁମାନଙ୍କ ପାଇଁ ଏକ ଦିନ ଟିଏ' କାର୍ଯ୍ୟକ୍ରମ ଓ ଟାସ୍କ ଫୋର୍ସ କମିଟି ବୈଠକ ଆଜି ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଶୋକ ମେହେତା କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗର ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ ବର୍ମାନ, ଉପଜିଲ୍ଲାପାଳ ଶ୍ରୀ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ପାଢ଼ୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ତନୁଶ୍ରୀ ମିଶ୍ରଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଶିକ୍ଷା ବିଭାଗର ପ୍ରତିନିଧି, ଶିଶୁ କଲ୍ୟାଣ କମିଟି (ଉଡଉ)ର ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାରେ ଶିଶୁ ବିବାହ ନିରୋଧ, ଶିଶୁ ଶ୍ରମିକଙ୍କ ଚିହ୍ନଟ ଓ ନିରାକରଣ, ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କିଶୋର-କିଶୋରୀଙ୍କ ଅଧିକାର ଓ ସଶକ୍ତିକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶିଶୁ ବିବାହ ରୋକିବା ଦିଗରେ ବିଭିନ୍ନ ବିଭାଗ ଓ ସମ୍ପୃକ୍ତ ସଂସ୍ଥା ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା, ସମ୍ଭାବ୍ୟ ଶିଶୁ ବିବାହ ଘଟଣାର ପୂର୍ବ ଚିହ୍ନଟ, ତ୍ୱରିତ ହସ୍ତକ୍ଷେପ, ସୂଚନାର ତ୍ୱରିତ ଆଦାନ-ପ୍ରଦାନ ଏବଂ ଆବଶ୍ୟକ ସ୍ଥଳେ ପ୍ରଚଳିତ ଆଇନ ଅନୁଯାୟୀ ଆଇନଗତ ପଦକ୍ଷେପ ଗ୍ରହଣ ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସେହିପରି, ଶିଶୁ ଶ୍ରମ ନିରୋଧ ପାଇଁ ନିୟମିତ ଯାଞ୍ଚ ଓ ନିରୀକ୍ଷଣ, ଶିଶୁ ଶ୍ରମିକଙ୍କ ଚିହ୍ନଟ, ଉଦ୍ଧାର ଓ ପୁନର୍ବାସନ ସହିତ ସେମାନଙ୍କୁ ଶିକ୍ଷାର



ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ସମନ୍ୱିତ ପଦକ୍ଷେପ ଗ୍ରହଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା। କିଶୋର-କିଶୋରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଓ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହିତ ସେମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭର କରିବା ପାଇଁ ବିଭାଗୀୟ ସମନ୍ୱୟରେ ବିଭିନ୍ନ ସଚେତନତାମୂଳକ ଓ ସହାୟତାମୂଳକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଶିଶୁ ସୁରକ୍ଷା ସମ୍ପର୍କିତ ଅଭିଯୋଗ ଓ ସୂଚନା ମିଳିବା ମାତ୍ରେ ତ୍ୱରିତ ପଦକ୍ଷେପ ଗ୍ରହଣ, ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶିଶୁ-ଅନୁକୂଳ ପରିବେଶ ସୃଷ୍ଟି ଏବଂ ଶିଶୁ ଅଧିକାରର ସୁରକ୍ଷା ପାଇଁ ତୃଣମୂଳ ସ୍ତରରେ ସଚେତନତା ଓ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। ଶିଶୁ ବିବାହ ଓ ଶିଶୁ ଶ୍ରମ ଭଳି ସାମାଜିକ ସମସ୍ୟାର ନିରାକରଣ ସହିତ ଶିଶୁମାନଙ୍କ ଅଧିକାର, ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ, ସ୍ଥାନୀୟ ପ୍ରଶାସନ, ଶିକ୍ଷାନୁଷ୍ଠାନ, ଶିଶୁ ସୁରକ୍ଷା ବ୍ୟବସ୍ଥା ଏବଂ ସମାଜର ସମସ୍ତ ବର୍ଗଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

# ଲଗାଣ ବର୍ଷା ପରେ ଧାନ ଚାଷରେ ଚକଡ଼ା ଆତଙ୍କ, ଚାଷୀଙ୍କ ଚିନ୍ତା ବଢ଼ିଲା

ଝାରସୁଗୁଡ଼ା,୨୫/୯(ନି/ପ୍ର): ଲଗାଣ ବର୍ଷା ପରେ ଝାରସୁଗୁଡ଼ା ଜିଲ୍ଲାରେ ଧାନ ଚାଷ ଏବେ ରୋଗପୋକ ସମସ୍ୟାର ସମ୍ମୁଖୀନ ହୋଇଛି। ବିଶେଷକରି ଧାନ ଗଛରେ ଚକଡ଼ା ପୋକର ପ୍ରାଦୁର୍ଭାବ ଦେଖାଦେବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। କୋଲାବିରା, ଲଇକେରା, କିର୍ମିରା, ଝାରସୁଗୁଡ଼ା ଓ ଲଖନପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଗଛରେ ଚକଡ଼ା ପୋକର ଉପଦ୍ରବ ଧୀରେଧୀରେ ବଢୁଥିବା ଚାଷୀମାନେ କହିଛନ୍ତି। ଚକଡ଼ା ପୋକ ଆକ୍ରମଣ ଯୋଗୁଁ ପ୍ରଥମେ ଧାନ ଗଛ ହଳଦିଆ ପଡ଼ିଯାଉଥିବା ବେଳେ ପରବର୍ତ୍ତୀ ସମୟରେ ଗଛ ଶୁଖି ମରିଯାଉଥିବା ଅଭିଯୋଗ ହେଉଛି। ଗୋଟିଏ ଜମିରୁ ଅନ୍ୟ ଜମିକୁ ଏହା ବ୍ୟାପିବାରୁ ଆଗାମୀ ଦିନରେ ଧାନ ଉତ୍ପାଦନ ପ୍ରଭାବିତ ହେବା ନେଇ ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। କୋଲାବିରା ବ୍ଲକ ଗାୟତ୍ରୀ କୃଷକ ସଂଘର ସଭାପତି ହେମନ୍ତ ସାହୁ କହିଛନ୍ତି ଯେ, ଦୁଇ ମାସରୁ ଅଧିକ ସମୟ ଧରି ଲଗାଣ ବର୍ଷା ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ପ୍ରତିଦିନ ବର୍ଷା ହେଉଥିବାରୁ ଚାଷୀମାନେ ଠିକ୍ ସମୟରେ ସାର ଓ କୀଟନାଶକ ପ୍ରୟୋଗ କରିପାରୁନାହାନ୍ତି। ଏବେ ଧାନ ଗଛରେ ଚକଡ଼ା ପୋକର ପ୍ରାଦୁର୍ଭାବ ଚିନ୍ତାକୁ ଆହୁରି ବଢ଼ାଇଛି। ଲଇକେରା ବ୍ଲକର ବରିଷ୍ଠ ଚାଷୀ ସୁଶାନ୍ତ ସାହୁଙ୍କ କହିବା ଅନୁସାରେ, ବର୍ତ୍ତମାନ ଅନେକ ଜମିରେ ଧାନ ଗଛ ହଳଦିଆ ଦେଖାଯାଉଛି। ଏହାର ନିରାକରଣ ପାଇଁ କୃଷି ବିଭାଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ନନେଲେ ପରିସ୍ଥିତି ଆହୁରି ଗୁରୁତର ହୋଇପାରେ ବୋଲି ସେ କହିଛନ୍ତି। ସେହିପରି ଜିଲ୍ଲା କୃଷକ ସଂଗଠନର ବିରଞ୍ଚି ସାହୁ କହିଛନ୍ତି ଯେ, ଚାଷୀଙ୍କୁ ଆବଶ୍ୟକ ସମୟରେ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁନାହିଁ। ଠିକ୍ ସମୟରେ ଉପଯୁକ୍ତ ସାର ଓ କୀଟନାଶକ ନମିଳିବା ଯୋଗୁଁ ଧାନ ଚାଷରେ ରୋଗପୋକ ସମସ୍ୟା ବଢୁଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ଏ ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନନ୍ଦଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରିନାହିଁ। ଧାନ ଚାଷରେ ଚକଡ଼ା ପୋକର ପ୍ରାଦୁର୍ଭାବ ରୋକିବା ସହ ଚାଷୀଙ୍କୁ ଆବଶ୍ୟକ କୀଟନାଶକ ଓ ପରାମର୍ଶ ଯୋଗାଇବାକୁ କୃଷି ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# ରାୟଗଡ଼ାରେ ଭୂସ୍ଖଳନ ବଢ଼ାଇଲା ପଥଚାରୀଙ୍କ ଚିନ୍ତା



ଗୁଡ଼ାରି,୨୫/୯(ନି/ପ୍ର): ଲଗାଣ ବର୍ଷା ଯୋଗୁଁ ରାୟଗଡ଼ା ଜିଲ୍ଲାଗୁଡ଼ାରି ଅଞ୍ଚଳର ପାହାଡ଼ିଆ ଅଞ୍ଚଳରେ ଜନଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ତୁହାକୁ ତୁହା ପ୍ରବଳ ବର୍ଷା ଫଳରେ ପାହାଡ଼ରୁ ମାଟି ଅତଡ଼ା ସହ ବଡ଼ ବଡ଼ ପଥର ଖସି ରାସ୍ତା ଅବରୋଧ ହୋଇଛି। ଫଳରେ ଅନେକ ଗାଁକୁ ଯାତାୟାତ ଏକପ୍ରକାର ଠପ ହୋଇଯାଇଛି। ଗୁଡ଼ାରି ବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମ ପଚାଂୟତର ସୁକୁଡୁବାଡ଼ୁ ଗାଁକୁ ଯିବା ରାସ୍ତାରେ ଏଭଳି ଅଘଟଣ ଘଟିଛି। ପେଣ୍ଡିଲି ପଚାଂୟତର ତେମ୍ବାଗୁଡ଼ା ଛକରୁ ସୁକୁଡୁବାଡ଼ୁ ଗାଁ ନିକଟସ୍ଥ ପାହାଡ଼ିଆ ରାସ୍ତାରେ ମାଟି ଅତଡ଼ା ସହ ଦୁଇଟି ବିଶାଳ ପଥର ଖସି ପଡ଼ିବାରୁ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ହୋଇଛି। ଏହି ରାସ୍ତାଟି ବଡ଼ କତିଲି, ସାନ କତିଲି, ବଣ୍ଡିଲି, ତାଡ଼ିଲୋଟା ସମେତ ଅନେକ ଗାଁର ଲୋକଙ୍କ ପାଇଁ ଯାତାୟାତର ଏକମାତ୍ର ମୁଖ୍ୟ ମାଧ୍ୟମ। ରାସ୍ତା ଅବରୋଧ ହେବା ଫଳରେ ଏହି ସବୁ ଗାଁର ଲୋକେ ଦୈନନ୍ଦିନ ଯାତାୟାତରେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପ୍ରବଳ ବର୍ଷା ହେଲେ ପାହାଡ଼ରୁ ମାଟି ଅତଡ଼ା ଓ ପଥର ଖସିବା ଏଠାରେ ନିୟମିତ ଘଟଣା ପାଲଟିଛି। ପୂର୍ବରୁ ମଧ୍ୟ ଏହି ରାସ୍ତାରେ ପଥର ଖସି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ନଜିର ରହିଛି। ତେଣୁ ପ୍ରତିବର୍ଷ ବର୍ଷା ଋତୁରେ ଏହି ଅଞ୍ଚଳବାସୀଙ୍କ ମନରେ ଆଶଙ୍କା ଦେଖାଦେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ସହ ପାହାଡ଼ିଆ ରାସ୍ତାର ସୁରକ୍ଷା ପାଇଁ ଆବଶ୍ୟକ ପ୍ରତିରୋଧକ ବ୍ୟବସ୍ଥା କରିବାକୁ ସୁକୁଡୁବାଡ଼ୁ ଗ୍ରାମର ପୂର୍ବତନ ସରପଞ୍ଚ ପାଣି ମାମ୍ବଲାକା, ନୀର ମାମ୍ବଲାକା ଓ ଗମାଙ୍ଗ ମାମ୍ବଲାକା ଦାବି କରିଛନ୍ତି। ତୁରନ୍ତ ରାସ୍ତାରୁ ମାଟି ଓ ପଥର ହଟାଇ ଯାତାୟାତ ସ୍ୱାଭାବିକ କରିବା ସହ ଭବିଷ୍ୟତରେ ଏଭଳି ସମସ୍ୟା ନଘଟିବା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

# ବେଆଇନି ମଦ କାରବାର ଉପରେ ଅବକାରୀ ବିଭାଗର ଚଢ଼ାଉ

ଭଦ୍ରକ,୨୫/୯(ନି/ପ୍ର): ଏହି ଜିଲାର ଧାମନଗର ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ବିପୁଳ ପରିମାଣର ଦେଶୀ ଓ ସୁରା ଭିତିକ ମଦ ଜବତ କରାଯିବା ସହ ବେଆଇନ ମଦ ତିଆରି ପାଇଁ ରଖା ଯାଇଥିବା ଗୁଡ଼ ପୋଚ କୁ ନଷ୍ଟ କରାଯାଇଛି। ସୂଚନା ଥାଉକି ସହିଦନଗର ଅଞ୍ଚଳର ମୁନା ଜେନାଙ୍କ ଠାରୁ ୯.୬ ଲିଟର ଦେଶୀ ମଦ ଜବତ କରାଯାଇଛି। ପାହାଡ଼ପୁର ଅଂଚଳର ଜୟନ୍ତୀ ପୃଷ୍ଟିଙ୍କ ନିକଟରୁ ୩.୮ ଲିଟର 'ଆସ୍କା ୪୦' ମଦ ଜବତ ହୋଇଛି।

# ଝାରସୁଗୁଡ଼ାର ନୂତନ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ କାର୍ଯ୍ୟରେ ଯୋଗଦେଲେ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ

ଝାରସୁଗୁଡ଼ା,୨୫/୯(ନି/ପ୍ର): ଝାରସୁଗୁଡ଼ାର ନୂତନ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ କାର୍ଯ୍ୟରେ ଯୋଗଦେଲେ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ; ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ପରିଦର୍ଶନ ଝାରସୁଗୁଡ଼ା, ୨୩ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ (ଓ.ପ୍ର.ସେ., ଏସ୍.) ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଆଜି ପୂର୍ବାହ୍ନରେ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱରରେ ମୁଖ୍ୟ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ଅପରାହ୍ନରେ ନୂତନ ଅତିରିକ୍ତ ଜିଲ୍ଲାପାଳ ଆଚାର୍ଯ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବିଭିନ୍ନ ବିଭାଗ ଓ ଶାଖାଗୁଡ଼ିକୁ ବୁଲି ଦେଖିବା ସହ କାର୍ଯ୍ୟ ପ୍ରଣାଳୀର ତଦାରଖ କରିଥିଲେ। ଏହି ଅବସରରେ ସେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଆଲୋଚନା କରି ସରକାରୀ ସେବା ତଥା ରାଜସ୍ୱ ସମ୍ପର୍କିତ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ, ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ସମସ୍ତେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବରଗଡ଼ରେ ପିଇଓ କାର୍ତ୍ତିକେଶ୍ୱର ବେହେରାଙ୍କ ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ

ବରଗଡ଼,୨୫/୯(ନି/ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ବରଗଡ଼ ଜିଲ୍ଲା ଗାଇସିଲେଟ୍ ବ୍ଲକ୍ ଅଧୀନ କଟାଭାଲ ଗ୍ରାମ ପଚାଂୟତର ପିଇଓ (ପଚାଂୟତ ନିର୍ବାହୀ ଅଧିକାରୀ) କାର୍ତ୍ତିକେଶ୍ୱର ବେହେରାଙ୍କ ୬ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଉଛି। ଜଣେ ପିଇଓ ଭାବେ କାର୍ଯ୍ୟରତ କାର୍ତ୍ତିକେଶ୍ୱର ବେହେରାଙ୍କ ବିରୋଧରେ ତାଙ୍କ ଜଣାଶୁଣା ଆୟର ଉତ୍ସ ତୁଳନାରେ ଅଧିକ ସମ୍ପତ୍ତି ଥିବା ଅଭିଯୋଗ ଆସିବା ପରେ ଏହି ଚଢ଼ଉ କରାଯାଇଛି। ସେ କଟାଭାଲ ଜିପିର ପିଇଓ ଥିବା ସହ ଗାଇସିଲେଟ୍ ବ୍ଲକ୍ ଅଧୀନ ଫିରିଙ୍ଗିମାଲ ଜିପି ଓ ଗୌରେନମୁଣ୍ଡା ଜିପିର ଭାରପ୍ରାପ୍ତ ପିଇଓ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଛନ୍ତି। ବରଗଡ଼ ଭିଜିଲାନ୍ସର ସ୍ୱତନ୍ତ୍ର ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ୫ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର, ୨ ଜଣ ଏଏସ୍‌ଆଇ ଏବଂ ଅନ୍ୟ ସହାୟକ କର୍ମଚାରୀଙ୍କୁ ନେଇ ଗଠିତ ଭିଜିଲାନ୍ସ ଟିମ୍ ଏହି ଚଢ଼ଉ କରୁଛି। ନିମ୍ନଲିଖିତ ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ ଭିଜିଲାନ୍ସ ପକ୍ଷରୁ ବରଗଡ଼ ଜିଲ୍ଲାର ନିମ୍ନଲିଖିତ ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ ଚାଲିଛି: ୧. ଗାଇସିଲେଟ୍ ନିକଟ କନ୍ଦାଗଡ଼ରେ ଥିବା ଶ୍ରୀ ବେହେରାଙ୍କ ଦୁଇ ମହଲା ବିଶିଷ୍ଟ ଆବାସିକ କୋଠା, ୨. କନ୍ଦାଗଡ଼ରେ ଥିବା ୬ଟି କୋଠରୀ ବିଶିଷ୍ଟ ଏକ ମାର୍କେଟ୍ କମ୍ପ୍ଲେକ୍ସ, ୩. କନ୍ଦାଗଡ଼ରେ ଥିବା ୩ଟି କୋଠରୀ ବିଶିଷ୍ଟ ଏକ ଗୋଦାମ। ୪. ଗାଇସିଲେଟ୍‌ରେ ନିର୍ମାଣାଧୀନ ୪ ମହଲା ବିଶିଷ୍ଟ କୋଠା, ୫. କନ୍ଦାଗଡ଼ସ୍ଥିତ ତାଙ୍କ ପୈତୃକ ଗାଁରେ ଥିବା ଘର, ୬. ବରଗଡ଼ ଜିଲ୍ଲା କଟାଭାଲ ଗ୍ରାମ ପଚାଂୟତରେ ଥିବା ପିଇଓଙ୍କ କାର୍ଯ୍ୟାଳୟ କକ୍ଷ। ବର୍ତ୍ତମାନ ସୁଦ୍ଧା ଚଢ଼ଉ ଜାରି ରହିଛି। ପରବର୍ତ୍ତୀ ରିପୋର୍ଟ ପରେ ପ୍ରକାଶ କରାଯିବ।

# ସ୍କୁଲ ପରିସରରେ ଗଛ ଉପୁଡ଼ି ବିଦ୍ୟୁତ ତାର ଛିଣ୍ଡିଲା, ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

ଝାରସୁଗୁଡ଼ା,୨୫/୯(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ଝିର୍ଲାପାଲି ପଂଚାୟତ ଅଂଚଳରେ ବୁଧବାର ମଧ୍ୟାହ୍ନରେ ପ୍ରବଳ ପବନ ସହ ବର୍ଷା ହୋଇଥିଲା। ଏହି ସମୟରେ ଜେ. ପଣ୍ଡକିମାଲ ୟୁପି ସ୍କୁଲ ପରିସରରେ ଥିବା ଏକ ବିରାଟ ଶାଗୁଆନ ଗଛ ଭାଙ୍ଗି ବିଦ୍ୟୁତ ତାର ଉପରେ ପଡ଼ିବାରୁ ତାର ଛିଣ୍ଡିଯିବା ସହ ଏକ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିଲା। ବିଦ୍ୟୁତ ତାର ବିଦ୍ୟାଳୟ ପରିସରରେ ପଡ଼ିବାରୁ ଏକ ବଡ଼ ଅଘଟଣରୁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଅଳ୍ପକେ ବର୍ତ୍ତିଥିବା ଜଣାପଡ଼ିଛି। ଘଟଣା ସମୟରେ ବିଦ୍ୟୁତ ତାର ଛିଣ୍ଡି ବିଦ୍ୟାଳୟ ପରିସରରେ ପଡ଼ି ରହିଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଦୀର୍ଘ ସମୟ ଧରି ଶ୍ରେଣୀକୋଠରୀରୁ ବାହାରି ପାରିନଥିଲେ। ଘଟଣାକୁ ନେଇ ସମସ୍ତଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପରେ ବିଦ୍ୟାଳୟ ପକ୍ଷରୁ ତୁରନ୍ତ କୋଲାବିରା ବିଦ୍ୟୁତ ବିଭାଗକୁ ଖବର ଦିଆଯାଇଥିଲା। ସୂଚନା ପାଇବା ପରେ ବିଦ୍ୟୁତ ବିଭାଗ ପକ୍ଷରୁ କୋଲାବିରା-ଝିର୍ଲାପାଲି ଫିଡର ଲାଇନକୁ ତୁରନ୍ତ ବନ୍ଦ କରାଯାଇଥିଲା। ବିଭାଗୀୟ କର୍ମଚାରୀମାନେ ବିଦ୍ୟାଳୟରେ ପହଂଚି ଗଛରୁ ବିଦ୍ୟୁତ ତାରକୁ ଅଲଗା କରିବା ସହ ଆବଶ୍ୟକ ପଦକ୍ଷେପ ନେଇଥିଲେ। ଏହି ଘଟଣା ପରେ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟ ପରିସରରେ ବିପଦପୂର୍ଣ୍ଣ ଭାବେ ଥିବା ଗଛ ସମ୍ପର୍କରେ ପୂର୍ବରୁ ପଦକ୍ଷେପ କାହିଁକି ନିଆଯାଇନଥିଲା ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏହାସହ ବିଦ୍ୟାଳୟ ଉପର ଦେଇ ବିଦ୍ୟୁତ ଲାଇନ୍ ଯାଇଥିବାରୁ ଏହାର ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ତଦନ୍ତ ଆବଶ୍ୟକ ବୋଲି ଦାବି ହୋଇଛି। ବିଦ୍ୟାଳୟ ପରିସରରେ ଏଭଳି ବିପଜ୍ଜନକ ସ୍ଥିତି ଯେପରି ଭବିଷ୍ୟତରେ ନଘଟେ, ସେଥିପାଇଁ ବିପଦପୂର୍ଣ୍ଣ ଗଛଗୁଡ଼ିକର ଯାଂଚ ସହ ବିଦ୍ୟୁତ ଲାଇନ୍‌ର ସୁରକ୍ଷା ବ୍ୟବସ୍ଥା ତଦାରଖ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଶିକ୍ଷା ବିଭାଗ କିମ୍ବା ବିଦ୍ୟୁତ ବିଭାଗର ଅଧିକୃତ ପ୍ରତିକ୍ରିୟା ମିଳିପାରିନାହିଁ।

# କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ, ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ଜିଲାପାଳଙ୍କ ଆହ୍ୱାନ

ଭଦ୍ରକ,୨୫/୯(ନି/ପ୍ର): ଜିଲାରେ ଭଦ୍ରକ ବ୍ଲକ୍ ଅନ୍ତର୍ଗତ କୋର୍କରା ଠାରେ ଥିବା ଏକମାତ୍ର କେନ୍ଦ୍ରୀୟ ବିଦ୍ୟାଳୟର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଏହି ବୈଠକରେ ଯୋଗ ଦେଇଥିଲେ। ଜିଲାପାଳ ଶ୍ରୀ ଉପାଧ୍ୟାୟ ପହଂଚିବା ପରେ ତାଙ୍କୁ ପରିଚାଳନା କମିଟି, ଷ୍ଟାଫ୍ ଓ ଛାତ୍ରଛାତ୍ରୀମାନଙ୍କ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଲାଇବ୍ରେରୀ ହଲ୍‌ରେ ଅନୁଷ୍ଠିତ ଏହି ବୈଠକରେ ସେ ଯୋଗଦେଇ ଉଦ୍‌ବୋଧନ ଦେଇ କହିଲେ ଯେ ଛାତ୍ରମାନେ ସମାଜର ମେରୁଦଣ୍ଡ। ଅଧ୍ୟୟନକୁ ଗୁରୁତ୍ୱ ଦେବା ସହ ଉତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଶୃଙ୍ଖଳିତ ଜୀବନ ଯାପନ ସହ ଉଚ୍ଚ ଶିକ୍ଷିତ ହୋଇ ସମାଜର ଜଣେ ଭଲମଣିଷ ହେବାପାଇଁ ପିଲାମାନଙ୍କୁ କହିଥିଲେ। ପରେ ସେ ପିଏମ୍‌ଶ୍ରୀ ଯୋଜନାରେ ପ୍ରତିଷ୍ଠା କରାଯାଇଥିବା ଏକ ଲେବ୍ରୋଟାରୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲାପାଳ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସପାଲଙ୍କ ସହ ଶିକ୍ଷାନୁଷ୍ଠାନଟିର ଶୈକ୍ଷିକ ବାତାବରଣ, ଅଭାବ ଅସୁବିଧା ଓ ଭିତିଭୂମିର ବିକାଶ ସଂପର୍କରେ ଆଲୋଚନା କରିଥିଲେ। ଏହାବ୍ୟତୀତ ବିଦ୍ୟାଳୟର ବର୍ଷସାରା ହେଉଥିବା କାର୍ଯ୍ୟକ୍ରମ ଯଥା ଶିଶୁଦିବସ, କ୍ରୀଡା ଆଦି ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପଚାରି ବୁଝିଥିଲେ। କମିଟି ତରଫରୁ ବିଦ୍ୟାଳୟ ସମ୍ମୁଖ ରାସ୍ତାର ଉନ୍ନତିକରଣ ଓ ପ୍ରବେଶ ପଥରେ ବିଶେଷକରି ସ୍କୁଲ ଆରମ୍ଭ ଓ ଛୁଟି ସମୟରେ ପ୍ରବଳ ଭିଡ ହେଉଥିବାରୁ ପିଲାମାନଙ୍କ ସୁରକ୍ଷା ନିମନ୍ତେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାବ୍ୟତୀତ ଖେଳ ପଡିଆର ଉନ୍ନତି ଓ ଶିକ୍ଷକ ନିଯୁକ୍ତି ସଂପର୍କରେ କମିଟି ତରଫରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଶେଷରେ ସେ ବିଦ୍ୟାଳୟ ପରିସର ବୁଲିଥିଲେ ଓ ସେଠାରେ ବୃକ୍ଷରୋପଣ କରିଥିଲେ। ଅନୁଷ୍ଠିତ ଏହି ବୈଠକରେ ପ୍ରିନ୍ସପାଲ ପଦ୍ମାବତୀ ଦ୍ୱିବେଦୀ, ଦେବୀପ୍ରସନ୍ନ ଘୋଷ, ସେଂଟ ଜାଭିୟର ପ୍ରିନ୍ସପାଲ ତନୁଶ୍ରୀ ଦତ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ରାଉତଙ୍କ ସହ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର, ଡିଏଭି ଏସ୍‌ଡିପିଏସ୍ ପବ୍ଲିକ୍ ସ୍କୁଲର ପ୍ରିନ୍ସପାଲ ଏମଆର କେଶୀ ଦାସ, କମିଟିର ସଦସ୍ୟ ଓ ପୂର୍ତ୍ତ ବିଭାଗର ଏସଇ ପ୍ରମୁଖ ଉପସ୍ଥିତ ଥିଲେ।




# କେନ୍ଦ୍ରୀୟ ପୂଜା କମିଟିର ପୁରସ୍କାର ବିତରଣ ସମାରୋହ ଆସନ୍ତା ୨୭ରେ




ରାଉରକେଲା,୨୫/୯(ନି/ପ୍ର): ଆସନ୍ତା ରବିବାର ୨୭ ତାରିଖ ଦିନ ସେକ୍ଟର ୨ ଦୁର୍ଗାପୂଜା ପଡ଼ିଆ ଠାରେ ସିପିସି (କେନ୍ଦ୍ରୀୟ ପୂଜା କମିଟି)ର ପୁରସ୍କାର ବିତରଣ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେକ୍ଟର-୭ ସ୍ଥିତ ମଧୁମଣ୍ଡପ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଉକ୍ତ ଦିନ ଚୟନିତ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୪୪ଟି ପେଣ୍ଡାଲ କୁ ଏଥିରେ ପୁରସ୍କୃତ କରାଯିବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ରୟାଲ ଲାଇଭ ବ୍ୟାଣ୍ଡ ପକ୍ଷରୁ ସଂଗୀତ ପରିବେଷଣ ସହ ସୋନାଲୀ,ସୌଜନ୍ୟ ରଥ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସିପିସି ସମ୍ପାଦକ ମୁକ୍ତିକାନ୍ତ ବେହେରା, ଉପସଭାପତି ନାରାୟଣ ମହାନ୍ତି, କୋଷାଧ୍ୟକ୍ଷ ପ୍ରଣୟ କୁମାର ନାୟକ, ସହସମ୍ପାଦକ ଅରୁଣ କୁମାର ମହାପାତ୍ର, ରାକେଶ ଶର୍ମା ଓ କାର୍ତ୍ତିକ ଚନ୍ଦ୍ର ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ରହି ଏହି ସୂଚନା ଦେବା ସହ ଚଳିତ ଥର ହେବାକୁଥିବା ପୂଜା କମିଟି ମାନଙ୍କର ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ ସଂଧ୍ୟାରେ ବହୁ ଜନସାଧାରଣ ଉପସ୍ଥିତ ରହିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି । ଶେଷରେ କୋଷାଧ୍ୟକ୍ଷ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସେବା ସଂକଳ୍ପ ଅଭିଯାନରେ ବିଦ୍ୟାର୍ଥୀଙ୍କ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା




ରାଉରକେଲା,୨୫/୯(ନି/ପ୍ର): ସମଗ୍ର ଦେଶରେ ସେବା ସଂକଳ୍ପ ଅଭିଯାନ ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ରଘୁନାଥ ପାଲ୍ଲୀ କ୍ଲଷ୍ଟର ସ୍ତରୀୟ ସେବା ସଂକଳ୍ପ ପ୍ରତିଯୋଗିତା କାର୍ଯ୍ୟକ୍ରମ ରେ ୧୨ ଟି ବିଦ୍ୟାଳୟରୁ ପ୍ରାୟ ୫୦ ଜଣ ଛାତ୍ର/ଛାତ୍ରୀ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିଆରସିସି ବିଦ୍ୟୁତ୍ ଲତା ସୂତାରଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ। ସେହିପରି ଆରଇସି କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ୧୭ ଟି ସ୍କୁଲର ୫୨ ଜଣ ବିଦ୍ୟାର୍ଥୀ, ଉଦିତନଗର କ୍ଲଷ୍ଟରରେ ୧୨ ଟି ସ୍କୁଲର ୩୦ ଜଣ ବିଦ୍ୟାର୍ଥୀ, ଆର.ବି କ୍ଲଷ୍ଟରରେ ୧୧ ଟି ସ୍କୁଲର ୩୦ ଜଣ ବିଦ୍ୟାର୍ଥୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତି ଯୋଗିତାରେ ସଫଳତା ଓ କୃତକାର୍ଯ୍ୟ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରା , ବି ଇ ଓ ସୁପ୍ରଭାତ କୁମାର ବେହେରା, ଏ ବି ଇ ଓ ଲକ୍ଷ୍ମୀ କୁମାରୀ ସେଠୀ , ସି ଆରସିସି ସିପ୍ରା ସାହୁ ଓ ମନୋଜ କୁମାର ମିଶ୍ର ଆଦି ବହୁ ସୁନ୍ଦର ଭାବେ ପ୍ରତିଯୋଗିତା ଗୁଡିକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଟୋଲିର ସଂଯୋଜକ ତଥା ବିଜେପି ଜିଲ୍ଲା ଉପସଭାପତି ସତ୍ୟପ୍ରିୟ ସାହୁ ଓ ଅକ୍ଷୟ କୁମାର ଦାଶ ସଂଯୋଜନା କରିଥିବା ବେଳେ ଶିକ୍ଷକ ଧ୍ରୁବ ଚରଣ ରାଉତ ସମ୍ପୂର୍ଣ୍ଣ କାର୍ଯ୍ୟର ତଦାରଖ କରିଥିଲେ । ମଣ୍ଡଳ ସଭାପତି ବଟ କୃଷ୍ଣ ନାୟକ, ରଞ୍ଜିତା କିସପଟା, ଗୁଡ୍ଡୁ ସିଂ ଓ ଅନିଲ୍ ମହାନନ୍ଦିଆ ଆଦି ସହଯୋଗ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ରାଉରକେଲା ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଚଢାଉରେ ୫ଟି ବାଲି ବୋଝେ ଟ୍ରକ୍ ଜବତ






ରାଉରକେଲା,୨୫/୯(ନି/ପ୍ର): ରାଉରକେଲା ବନ ବିଭାଗ ପକ୍ଷରୁ ଗୁରୁବାର ବିଳମ୍ବିତ ରାତିରେ ଚଢାଉ କରାଯାଇ ବିଶ୍ରା ବ୍ଲକର ତେତେରକେଲା ଘାଟ ନିକଟରୁ ୫ଟି ଟ୍ରକ୍ ବେଆଇନ ବାଲି ବୋଝେଇ ଭାରିଯାନକୁ ଜବତ କରାଯାଇଛି। ୫ଟି ଭାରୀ ଯାନ ମଧ୍ୟରୁ ତିନୋଟି ହାଇୱା ହୋଇଥିବା ବେଳେ ଦୁଇଟି ଡମ୍ପର ରହିଛି। ଏ ବିଷୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ବନ ବିଭାଗ ଅଧିକାରୀ (ଡିଏଫଓ) ରବିକାନ୍ତ ମୀନା। ସୂଚନା ଅନୁସାରେ ରାଉରକେଲା ବନ ବିଭାଗ ପକ୍ଷରୁ ହାତୀ ଚଳପ୍ରଚଳ ଉପରେ ନଜର ରଖିବାକୁ ବିଶ୍ରା ଅଂଚଳରେ ବନ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା। ତେତେରକେଲା ଘାଟ ପାର୍ଶ୍ୱାଂଚଳରେ ବେଆଇନ ବାଲି ଉଠାଣ ହେଉଥିବା ସୂଚନା ପାଇବା ପରେ ରାଉରକେଲା ଡିଏଫଓ ରବିକାନ୍ତ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍ ସୁରଜିତ୍ ସାହୁ ଏବଂ ଗଜେନ୍ଦ୍ର ମାଥୁରଙ୍କ ସମେତ ବନ ବିଭାଗ କର୍ମଚାରୀମାନଙ୍କ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ଚଢାଉରେ ୩ଟି ହାଇୱା ଏବଂ ୨ଟି ଡମ୍ପରକୁ ଜବତ କରାଯାଇଛି। ରାଉରକେଲା ବନ ବିଭାଗ ଡିଏଫଓ ରବିକାନ୍ତ ମୀନାଙ୍କ ନିର୍ଦ୍ଦେଶକ୍ରମେ ରାଉରକେଲା ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଏହି ବାଲି ପରିବହନ ସମ୍ପର୍କରେ ସୂଚନା ପାଇବା ପରେ ଗୁରୁବାର ରାତି ପ୍ରାୟ ୨ଟାରେ ଚଢାଉ କରାଯାଇଥିଲା। ୫ଟି ଭାରିଯାନ ଯଥା ୩ଟି ହାଇୱା ଏବଂ ୨ଟି ଡମ୍ପରକୁ ଜବତ କରାଯିବା ପରେ ରାଉରକେଲା ବନ ବିଭାଗର ଅଧିକାରୀମାନେ ପଚରାଉଚରା ପାଇଁ ୫ ଜଣ ଡ୍ରାଇଭରଙ୍କୁ ମଧ ଅଟକ ରଖିଛନ୍ତି। ଜବତ ଗାଡ଼ିଗୁଡ଼ିକୁ ଅଟକାଇବା ଏବଂ ଡ୍ରାଇଭରମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ, ବେଆଇନ ବାଲି ବ୍ୟବସାୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଖସି ପଳାଇଥିବା ଜଣାପଡ଼ିଛି। ବାଲିର ଉତ୍ସ, ସମ୍ପୃକ୍ତ ପକ୍ଷ ଏବଂ ଉପଯୁକ୍ତ ଅନୁମତି ବିନା ଗାଡିଗୁଡ଼ିକ କେଉଁ ପରିସ୍ଥିତିରେ ବାଲି ପରିବହନ କରୁଥିଲେ ତାହା ଜାଣିବା ପାଇଁ ରାଉରକେଲା ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲିଛି। ସମଗ୍ର ଓଡ଼ିଶାରେ ବେଆଇନ ବାଲି ପରିବହନ ବିରୋଧରେ ତୀବ୍ର କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବେଆଇନ ବାଲି ଖନନ ଏବଂ ପରିବହନ ସମ୍ବନ୍ଧୀୟ ଉଲ୍ଲଂଘନ ବିରୁଦ୍ଧରେ ଚଢାଉ କରିବା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ, ଖଣି, ରାଜସ୍ୱ ଏବଂ ବନ ବିଭାଗର ଅଧିକାରୀମାନଙ୍କୁ କ୍ଷମତା ଦିଆଯାଇଛି।

# ବଣଜାତ ମହୁ ପ୍ରକ୍ରିୟାକରଣ କେନ୍ଦ୍ର'ର ଉଦ୍‌ଘାଟନ

ନୂଆପଡ଼ା,୨୫/୯(ନି/ପ୍ର): ଓରମାସ୍ ନୁଆପଡ଼ାର ସହଯୋଗରେ ନୁଆପଡ଼ା ଜିଲ୍ଲାପାଳ ସୁନାବେଡ଼ା ଠାରେ ପ୍ରଥମ 'ମହୁ ପ୍ରକ୍ରିୟାକରଣ କେନ୍ଦ୍ର' ଆଜି ଉଦ୍ଘାଟନ କରିଛନ୍ତି। ଏହି ମହୁ ପ୍ରକ୍ରିୟାକରଣ କେନ୍ଦ୍ରଟି 'ସୁନାବେଡ଼ା ନେଚୁରାଲ୍ସ ହନି ପ୍ରଡ୍ୟୁସର୍ ଏଂଟରପ୍ରାଇଜେସ୍' ଦ୍ୱାରା ପରିଚାଳିତ ହେବ। ଚକୋଟିଆ ଭୁଞ୍ଜିଆ ଆଦିବାସୀ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣରେ ଓରମାସ ନୁଆପଡ଼ା ଦ୍ୱାରା ଏହି ସଂସ୍ଥା ଗଠନ କରାଯାଇଛି। ଏହି ସମ୍ପ୍ରଦାୟର ସଦସ୍ୟମାନେ ସୁନାବେଡ଼ା ଜଙ୍ଗଲରୁ ବଣଜାତ ମହୁ ସଂଗ୍ରହ କରି ସିଧାସଳଖ ଉକ୍ତ ସଂସ୍ଥାକୁ ବିକ୍ରି କରିବେ। ଏହା ଦ୍ୱାରା ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି ହେବା ସହ ସ୍ଥାନୀୟ ଜଙ୍ଗଲଜାତ ମହୁର ପ୍ରଚାର ଓ ପ୍ରସାର ହୋଇପାରିବ। ଏହି ଉଦ୍ୟୋଗ ପ୍ରତିଷ୍ଠା ପାଇଁ 'ଚକୋଟିଆ ଭୁଞ୍ଜିଆ ଡେଭଲପମେଂଟ ଏଜେନ୍ସି' ମଧ୍ୟ ସହଯୋଗ ପ୍ରଦାନ କରିଛନ୍ତି। ବଣଜାତ ମହୁର ମୂଲ୍ୟଯୁକ୍ତକରଣ ଓ ବିପଣନ ମାଧ୍ୟମରେ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା, ଆଦିବାସୀ ଉଦ୍ୟୋଗୀକରଣକୁ ସୁଦୃଢ଼ କରିବା ଏବଂ ଚକୋଟିଆ ଭୁଞ୍ଜିଆ ଆଦିବାସୀ ସମ୍ପ୍ରଦାୟର ଅର୍ଥନୈତିକ ସଶକ୍ତୀକରଣରେ ସହାୟତା କରିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ। ନୁଆପଡ଼ା ଜିଲ୍ଲାପାଳ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ମହୁ ଉତ୍ପାଦନ ଦ୍ୱିଗୁଣିତ ହେବ ଏବଂ ଗ୍ରାହକମାନେ ଶୁଲଭ ମୂଲ୍ୟରେ ଶୁଦ୍ଧ ଓ ଜୈବିକ ବଣଜାତ ମହୁ ପାଇପାରିବେ। ଏହି ମହୁ ଜିଲ୍ଲାର ୱେବସାଇଟରେ ମଧ ଉପଲବ୍ଧ ହେବ। ବନଖଣ୍ଡ ଅଧିକାରୀ କହିଛନ୍ତି ଯେ ସେମାନେ ଚେରେଚୁଆଁ ସ୍ଥିତ ଜଙ୍ଗଲ ଚେକ୍ ଗେଟ୍ ନିକଟରେ ଏକ ବିକ୍ରୟ କେନ୍ଦ୍ର ଖୋଲିବେ, ଯେଉଁଠାରେ ସ୍ଥାନୀୟ ଜନସାଧାରଣ ଓ ପର୍ଯ୍ୟଟକଙ୍କ ପାଇଁ ଏହି ମହୁ ଉପଲବ୍ଧ କରାଯିବ।

# ବ୍ରାହ୍ମଣ ମହାସଭା ଦ୍ୱାରା ବାମନ ଜୟନ୍ତୀ ଉତ୍ସବ ପାଳିତ

ବଲାଙ୍ଗିର,୨୫/୯(ନି/ପ୍ର): ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିର (ରାଜ୍ୟ ବ୍ରାହ୍ମଣ ମହାସଭା ଦ୍ୱାରା ସ୍ୱିକୃତିପ୍ରାପ୍ତ) ତରଫରୁ ସଭାପତି ପ୍ରାଣବଲ୍ଲଭ ତ୍ରିପାଠି ଏବଂ ସଂପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଭଗବାନ ବାମନଙ୍କର ଜନ୍ମୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ସହ-ସଂପାଦକ ସଂକିର୍ତନ ତ୍ରିପାଠି କର୍ତାରୂପେ ପୂଜାରେ ବସିଥିବା ବେଳେ ଆଚାର୍ଯ୍ୟ ପଣ୍ଡିତ ସନ୍ତୋଷ କୁମାର ମିଶ୍ର, ପଣ୍ଡିତ ସୁରେଶ ଚନ୍ଦ୍ର ପଣ୍ଡା ଓ ଅନ୍ୟାନ୍ୟ ଯଜ୍ଞାଚାର୍ଯ୍ୟ ପଣ୍ଡିତ ଙ୍କ ସହଯୋଗ ରେ ପୂଜା ବିଧି ଯଜ୍ଞାଦି ହୋମ କାର୍ଯ୍ୟ ତଥା ଶ୍ରୀମଦ୍ ଭାଗବତ ମହାପୁରଣା ଅଷ୍ଟମ ସ୍କନ୍ଦ ଅଷ୍ଟାଦଶ ଅଧ୍ୟାୟ ବାମନ ଜନ୍ମୋତ୍ସବ ଉପାଖ୍ୟାନ ପଠନ କରି ସମାପନ କରିଥିବା ବେଳେ ଅନ୍ୟାନ୍ୟ ପଣ୍ଡିତ ବୃନ୍ଦ ଭାଗବତ ପଠନ ସହିତ ପୂଜାବିଧି କାର୍ଯ୍ୟରେ ସହଯୋଗ କରିଥିଲେ । ଶେଷରେ କର୍ତା ତଥା ବ୍ରାହ୍ମଣ ଦେବତା, ଶକ୍ତିବାହିନୀ ଆନନ୍ଦ ଉଲ୍ଲାସରେ ସମବେତ ହୋଇ ଯଜ୍ଞାଦି କାର୍ଯ୍ୟ ସମ୍ପନ୍ନ କରିବା ସହିତ ମୃଦୁଙ୍ଗ, ଘଂଟ, ଶଙ୍ଖ, ଗିନିଦ୍ୱାରା ଆଳତିହୋଇ ପୁଷ୍ପାଞ୍ଜଳିଭଗବାନ ବାମନଙ୍କୁଅର୍ପଣ କରାଯାଇଥିଲା।

# ଶ୍ରମ କୋଡ଼ ଓ ଏମଏମଡ଼ିଆର ଆଇନ ରଦ୍ଦ ଦାବିରେ ବିଧାନସଭା ସମ୍ମୁଖରେ ସିଆଇଟିୟୁର ଧାରଣା



ରାଉରକେଲା,୨୫/୯(ନି/ପ୍ର): ଶ୍ରମ କୋଡ଼ ପ୍ରତ୍ୟହାର, ଏମ ଏମ ଡ଼ି ଆର ଆଇନ ରଦ୍ଦ, ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା, ସ୍କିମ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା ଓ ସାମାଜିକ ସୁରକ୍ଷା, ଦରବୃଦ୍ଧି ନିୟନ୍ତ୍ରଣ ଆଦି ଦାବିରେ ୨୪ଓ୨୫ ସେପ୍ଟେମ୍ବର ଦୁଇ ଦିନ ଧରି ବିଧାନସଭା ସମ୍ମୁଖରେ ଧାରଣା ଅନୁଷ୍ଠିତ ହୋଇଥିଲାଫ ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଶ୍ରମିକଙ୍କ ସୁଶୋଭିତ ପଟୁଆର ମାଷ୍ଟର କ୍ୟାଂଟିନରୁ ବାହାରି ବିଧାନସଭା ଅଭିମୁଖେ ଯାଇଥିଲା. ଲୋୱେର ପି ଏମ ଜି ଠାରେ ଧାରଣା ଆରଂଭ ହୋଇଥିଲା. ଅନୁଷ୍ଠିତ ସଭାରେ ସି ଆଇ ଟି ୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ସଭାପତିତ୍ୱ କରିଥିଲେ.କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଅଦାନୀ ଅମ୍ବାନୀ ଆଦି କର୍ପୋରେଟ କଂପାନୀ ମାନଙ୍କ ସ୍ୱାର୍ଥରେ ସମସ୍ତ ନୀତି ନେଉଥିବାବେଳେ ଶ୍ରମିକ କର୍ମଚାରୀ ମାନଙ୍କ ଉପରେ ଆକ୍ରମଣ ଚଳାଇଛନ୍ତି. ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ ପାଇଁ ସେ ଆହ୍ୱାନ ଦେଇଥିଲେ. ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ଉଲ୍ଲାସ ସ୍ୱାଇଁ ଶ୍ରମ କୋଡ଼ କାର୍ଯ୍ୟକାରି ହେଲା ଫଳରେ ୮ ଘଟାଂ ବଦଳରେ ୧୨ ଘଟାଂ କାର୍ଯ୍ୟ, ଦାବି କଲେ ମାଲିକ ମାନେ ଛଟେଇ କରିବା, ଠିକାକରଣ ଆଦି ଚାଲିଛି. ଏହା ବିରୋଧରେ ଶ୍ରମିକ ମାନଙ୍କ ଏକତାକୁ ଦୃଢ କରିବାକୁ ଡାକରା ଦେଇଥିଲେ. ଉପ-ସଭାପତି ଲୋଭାକାନ୍ତ ସ୍ୱାଇଁ, ଦୁଷ୍ମନ୍ତ ଦାସ, କୋଷା ଧକ୍ଷ ପୁଷ୍ପା ଦାସ, ପ୍ରଦୀପ୍ତ ନାୟକ, ଯାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ରମେଶ ଜେନା, ଶକୁନ୍ତଳା ମହାକୁଡ଼, ଏଚ ଏନ ଯାଦବ, ସୁରେଶ ସ୍ୱାଇଁ, ବସନ୍ତ ନାୟକ, ଗିରିଧାରୀ ମହାରଣା, ପୂର୍ଣ୍ଣ ପାଢ଼ୀ, ସଂଯୁକ୍ତା ସେଠି ପ୍ରମୁଖ ବକ୍ତବ୍ୟ ରଖିଥିଲେ. କେନ୍ଦ୍ର ଓ ରାଜ୍ୟ ସରକାର ଶ୍ରମିକ ବିରୋଧୀ ନୀତି ପ୍ରତ୍ୟାହାର କରିବାକୁ ଦାବିକରିକରିଥିଲେ. ନହେଲେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନର ଆହ୍ୱାନ ଦେଇଥିଲେ।

# ସିଭିଲ୍ ଟାଉନ୍‌ସିପ୍ ଗଣେଶ ପୂଜା କମିଟିର ଭବ୍ୟ ବିସର୍ଜନ ଶୋଭାଯାତ୍ରା



ରାଉରକେଲା,୨୫/୯(ନି/ପ୍ର): ରାଉରକେଲା ସିଭିଲ୍ ଟାଉନ୍‌ସିପ୍ କଲ୍ୟାଣ ମଣ୍ଡପରେ ଗଣେଶ ପୂଜା କମିଟି ପକ୍ଷରୁ ୪୦ତମ ବର୍ଷ ଅବସରରେ ଗଣେଶ ପୂଜା ଓ ମେଳା ୧୦ ଦିନ ଧରି ଚାଲିଥିଲା। ୧୦ମ ଦିନ ସନ୍ଧ୍ୟା ୭ଟାରେ ଭବ୍ୟ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା। ଏଥିପାଇଁ ନାଗପୁରରୁ ଢୋଲ-ନଗଡ଼ା ଦଳକୁ ନିମନ୍ତ୍ରଣ କରାଯାଇଥିଲା, ଯାହା ବିସର୍ଜନ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣର କେନ୍ଦ୍ର ଥିଲା। ଏହି ଶୋଭାଯାତ୍ରା ସିଭିଲ୍ ଟାଉନ୍‌ସିପ୍ ଅଂଚଳ ପରିକ୍ରମା କରିବା ପରେ ବାଲୁରଘାଟର କୃତ୍ରିମ ପୋଖରୀରେ ଭଗବାନ ଗଣେଶଙ୍କ ମୂର୍ତି ବିସର୍ଜନ କରାଯାଇଥିଲା। ସେଠାରେ ରାଉରକେଲା ମହାନଗର ନିଗମ ପକ୍ଷରୁ କ୍ରେନ୍‌ର ବ୍ୟବସ୍ଥା କରାଯାଇଥିଲା। ଏହି ବିସର୍ଜନ ଶୋଭାଯାତ୍ରାରେ ସିଭିଲ୍ ଟାଉନ୍‌ସିପ୍ ଗଣେଶ ପୂଜା କମିଟିର ସଭାପତି ଆକାଶ ଅଗ୍ରୱାଲ, ଉପସଭାପତି ମନୀଷ ଅଗ୍ରୱାଲ, ସମ୍ପାଦକ ବିକାଶ ଅଗ୍ରୱାଲ (ଭିକି), କୋଷାଧ୍ୟକ୍ଷ କରଣ ଖଣ୍ଡେଲୱାଲ, ସହ-କୋଷାଧ୍ୟକ୍ଷ ଅଜୟ ଗୋୟଲ, ସହ-ସମ୍ପାଦକ ମନୋଜ ବରେଲିଆ, ଉପଦେଷ୍ଟା ମନୋଜ ଅଗ୍ରୱାଲ, ନରେଶ ଶର୍ମା, ମିଡିଆ ପ୍ରଭାରୀ ଅଙ୍କିତ କେଡିଆ, ପ୍ରଦ୍ୟୁମ୍ନ ଶର୍ମା, ଅମିତ ଗୁପ୍ତା, ଆଲୋକ ମାରୋଠିଆ, ବିକାଶ ଜୈନଙ୍କ ସମେତ ଚିରାଗ ଖଣ୍ଡେଲୱାଲ ଓ ଅନ୍ୟ ସଦସ୍ୟମାନେ ସାମିଲ ଥିଲେ। ଅନ୍ୟପଟେ ବିସର୍ଜନ ଶୋଭାଯାତ୍ରାକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି ସମୟରେ କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଂଟନ ମଧ କରାଯାଇଥିଲା।

# ଜିଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ -୨୦୨୬

ଭଦ୍ରକ,୨୫/୯(ନି/ପ୍ର): ଏକ ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରବସ୍ଥାରୁ ଏହି ମାନସିକତା ରହିଲେ ଭବିଷ୍ୟତରେ ଏହା ବାସ୍ତବ ରୂପନିଏ। ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାପାଁଇ ଛାତ୍ରଛାତ୍ରୀ ଯୁବସମାଜ ସମସ୍ତେ ଅଙ୍ଗୀକାର ବଦ୍ଧ ହେବା ଉଚିତ ବୋଲି ଆଜି ୨୦୪୭ମସିହା ଭାରତ ସ୍ୱାଧୀନତାର ଶହେ ବର୍ଷ ପୂର୍ତି ଅବସରରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳିତ ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ -୨୦୨୬କାର୍ଯ୍ୟକ୍ରମ ରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ନ ୧୧ଟା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଉଦ୍ଘାଘାଟନ କରିଥିଲେ।ଜିଲ୍ଲା ଶିକ୍ଷାଧିକାରୀ ଡ଼.ଜଗବନ୍ଧୁ ସାହୁ ସ୍ୱାଗତ ଭାଷଣ ଦେବା ସହ ପୌରହିତ କରିଥିଲେ।ଶିକ୍ଷକ ମନୋଜ ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ବରେଣ୍ୟ ଅତିଥି ଭାବେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଯୋଗଦାନ କରିଥିବା ବେଳେ ଜିଲ୍ଲାସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ରଶ୍ମୀ ରାଣୀ ମିନିକା,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ,ପ୍ରଫୁଲ କୁମାର ସାହୁ,ତୃପ୍ତିମୟୀ ପାତ୍ର,ଭଦ୍ରକ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବନ୍ତ ବ୍ଲକ ଶିକ୍ଷାଧିକାରୀ ଚିତରଞ୍ଜନ ମହାନ୍ତି ଯୋଗ ଦେଇ ଥିଲେ ।ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ଉଦଘାଟନୀ ଉତ୍ସବ ପରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ମଧ ରେ ୩ଟି ବର୍ଗରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ର ଆୟୋଜନ କରାଯାଇଥିଲା।ବକ୍ତୃତା ବିଭାଗ ବିଚାରକ ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିଂଙ୍ଗ ଚରଣ ସାହୁ ଓ ଗଣେଶ ପ୍ରସାଦ ମହାପାତ୍ର ଯୋଗ ଦେଇଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତା ରେ ବିଚାରକ ଭାବେ ଦିଲୀପ କୁମାର ମଲ୍ଲିକ ଓ ମନୋରଞ୍ଜନ ନାୟକ ଥିଲେ।ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଂକୁ ପୁରସ୍କାର ବିତରଣ କରିଥିଲେ।

# ଏମ.ଡି.ଇଣ୍ଡିଆ ଟି.ପି.ଏ. ମାଧ୍ୟମରେ କ୍ୟାସଲେସ ସୁବିଧା ସହ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲରେ ରୋଗୀ ସେବାର ସମ୍ପ୍ରସାରଣ



ରାଉରକେଲା,୨୫/୯(ନି/ପ୍ର):ସମସ୍ତ ଆରୋଗ୍ୟ ଆଶାୟୀଙ୍କୁ ନିରବଚ୍ଛିନ୍ନ, ଉଚ୍ଚମାନର ଏବଂ ସୁଲଭ ଆରୋଗ୍ୟ ସେବା ଯୋଗାଇଦେବାର ନିରନ୍ତର ପ୍ରୟାସ କ୍ରମରେ, ସେଲ୍ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇ ଜି ଏଚ), ଏମ.ଡି.ଇଣ୍ଡିଆ ହେଲଥ୍ ଇନ୍ସୁରାନ୍ସ ଟି.ପି.ଏ. ପ୍ରାଇଭେଟ୍ ଲିମିଟେଡ୍ ସହିତ ସହବନ୍ଧିତ ହୋଇ ବିମାଭୁକ୍ତ ବ୍ୟକ୍ତିମାନଙ୍କ ପାଇଁ ନିଜର କ୍ୟାସଲେସ ଆରୋଗ୍ୟ ସେବାକୁ ଅଧିକ ସୁଦୃଢ଼ କରିଛି। ଏହି ସୁବିଧାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱାସ୍ଥ୍ୟ ବିମା ପଲିସିଧାରୀ, ଯୋଗ୍ୟ ବ୍ୟକ୍ତିଗତ ପଲିସିଧାରୀ ଏବଂ ବିମା ଯୋଜନା ଅଧୀନରେ ଥିବା ସଦସ୍ୟମାନଙ୍କ ଆର୍ଥିକ ବୋଝକୁ ଯଥେଷ୍ଟ ହ୍ରାସ କରିବା। ଏଥିରେ ଅନ୍ତର୍ଭୁକ୍ତ ଯୋଗ୍ୟ ଆରୋଗ୍ୟ ଆଶାୟୀ ଗଣ ଏବେ ସେମାନଙ୍କ ଚିକିତ୍ସା ଖର୍ଚ୍ଚ ହସ୍ପିଟାଲ ଏବଂ ଥାର୍ଡ-ପାର୍ଟି ଆଡମିନିଷ୍ଟ୍ରେଟର (ଟି.ପି.ଏ.) ମଧ୍ୟରେ ସିଧାସଳଖ ପରିଚାଳିତ ହେଉଥିବା ସମୟରେ, ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ଆରୋଗ୍ୟ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିପାରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଇସ୍ପାତ ଜେନେରାଲ ହସ୍ପିଟାଲ ପୂର୍ବରୁ ଅନ୍ୟାନ୍ୟ ସରକାରୀ ବୀମା/ଆଶ୍ୱାସନା ତାଲିକାଭୁକ୍ତ ସଂସ୍ଥା ଯେପରିକି ଇ.ଏସ.ଆଇ., ଆୟୁଷ୍ମାନ ଭାରତ, ରେଳବାଇ, ଇ.ପି.ଏଫ.ଓ. ଏବଂ ସବ୍-ଡିଭିଜନାଲ ଡାକଘର ଓ ଅନ୍ୟାନ୍ୟ ସଂସ୍ଥା ସହ ତାଲିକାଭୁକ୍ତ ଅଛି। ସମାଜର ବିଭିନ୍ନ ବର୍ଗକୁ ନିଜର ସେବା ସମ୍ପ୍ରସାରିତ କରି, ରୋଗୀମାନଙ୍କୁ ସହଜ, ଗୁଣାତ୍ମକ ଏବଂ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲ ପ୍ରତିବଦ୍ଧ।